ବର୍ଷ-୨୬, ସଂଖ୍ୟା-୧୯୨
ଭୁବନେଶ୍ୱର
୧୮, ଜୁଲାଇ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 192
Bhubaneswar
18July, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଶରଧାବାଲିରେ ୩ ରଥ

ପୁରୀ, ୧୭।୭(ମହାଭାରତ):: ସରିଲା ରଥଟଣା। ଶରଧାବାଲିରେ ପହଞ୍ଚିଛନ୍ତି ୩ ରଥ। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ସୁଭଦ୍ରାଙ୍କ ଦର୍ପଦଳନ ରଥ ଶରଧାବାଲିରେ ପହଞ୍ଚିବା ପରେ ମହାପ୍ରଭୁ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା। ଦର୍ଶନ ପାଇଁ ଶରଧାବାଲିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭକ୍ତମାନେ ଏବେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପରୂପ ଦୃଶ୍ୟ ଦେଖି ବିମୋହିତ ହୋଇପଡୁଛନ୍ତି।ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୧ ଘଣ୍ଟା ବିଳମ୍ବରେ ଗୁରୁବାର ରଥଟଣା ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣିନେଇଥିଲେ ଭକ୍ତ। ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାହୋଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ କୌଣସି ରଥ ଶରଧାବାଲିରେ ପହଞ୍ଚି ପାରି ନ ଥିଲା।

ମାର୍କେଟ ଛକ ନିକଟରେ ତାଳଧ୍ୱଜ ଓ ମରିଚୀକୋଟ ଛକ ନିକଟରେ ଦର୍ପଦଳନ ରଥ ପହଞ୍ଚିବାବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଥିଲା। ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ରେ ପୁଣି ରଥଟଣା ହୋଇଥିବାବେଳେ ଆଡ଼ପ ବିଜେ ନୀତି ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୀତି ନିର୍ଘଣ୍ଟଠାରୁ ପ୍ରାୟ ୩୦ ମିନିଟ୍ ପୂର୍ବରୁ ନୀତି ଆରମ୍ଭ ହୋଇଥିଲା। ଭୋର ୫ଟା ୩୦ରେ ମଙ୍ଗଳ ଆଳତି, ମଇଲମ ୫ଟା ୩୫, ଅବକାଶ ପୂଜା ୬ଟା ୧୦ରୁ ୬ଟା ୨୫, ବେଶ ଶେଷ ୬ଟା ୪୦, ସୂର୍ଯ୍ୟପୂଜା ୬ଟା ୫୫, ଦ୍ୱାରପାଳ ପୂଜା ୭ଟା ୨୦, ଗୋପାଳବଲ୍ଲଭ ୭ଟା ୨୫ ଓ ସକାଳ ଧୂପ ୮ଟା ୩୦ରେ ଶେଷ ହୋଇଥିଲା। ସକାଳ ୮ଟା ୪୫ରେ ରଥ ପ୍ରତିଷ୍ଠା ହୋଇ ୮ଟା ୫୦ରେ ମଙ୍ଗଳାର୍ପଣ ସମ୍ପନ୍ନ ପରେ ପୁଷ୍ପାଞ୍ଜଳି, ଡୋର ଲାଗି ହୋଇ ୯ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ। ମଧ୍ୟାହ୍ନ ୨ଟାରେ ପହଣ୍ଡି ସରିଥିଲା। ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନଙ୍କ ପହଣ୍ଡି ୨ଟା ୨୦ରେ ସରିବା ପରେ ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା। ମଇଲମ ପରେ ବେଶ ଶେଷ ହୋଇଥିଲା। ଜଗଦ୍ ?ରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଜାନରେ ବିଜେହୋଇ ସୁନାଝାଡ଼ୁରେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୪ଟା ୪୦ରେ ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ଅପରାହ୍ନ ୫ଟା ୧୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ଆନନ୍ଦ ଓ ଉତ୍ସାହରେ ଶ୍ରଦ୍ଧାଳୁମାନେ ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣିନେଇଥିଲେ। ତେବେ ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ରଖାଯାଇଥିଲା। ଚଳିତବର୍ଷ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ 'ଉତ୍କଳ ପ୍ରସଙ୍ଗ' ଉନ୍ମୋଚନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ୨୨୦ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୨ହଜାର ପୋଲିସ କର୍ମଚାରୀ ଓ କେନ୍ଦ୍ରୀୟ ଫୋର୍ସ ମୁତୟନ ଥିଲେ।

##### ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି କେଳେଙ୍କାରୀ

## ମାଷ୍ଟରମାଇଣ୍ଡଙ୍କ ସମେତ ୧୪ ଜଣଙ୍କ ଜାମିନ ନାମଞ୍ଜୁର

ଭୁବନେଶ୍ୱର, ୧୭।୭(ମହାଭାରତ.): ହାଇକୋର୍ଟ ଏଏସଓ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍ ?ଲ୍ୟାବ୍ ? ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ସୁରେଶ ନାୟକ ସମେତ ୧୪ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ। ଗତବର୍ଷ ଅନୁଷ୍ଠିତ ଏହି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଇ ହାଇକୋର୍ଟ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ସୁରେଶ ନାୟକ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀରେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଭାବରେ ଗିରଫ ହୋଇ ଜେଲରେ ରହିଛନ୍ତି।

# ଗଡ଼ିଲା ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

ଚଣ୍ଡିଗଡ଼, ୧୭।୭(ମହାଭାରତ): ଭାରତୀୟ ରେଳ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ନା ରହିବ ବିଜୁଳି ତାରର ଟେନସନ୍, ନା ହେବ ଡିଜେଲର ଖର୍ଚ୍ଚ ! ବିନା କୌଣସି ପ୍ରଦୂଷଣରେ ଏକାସାଙ୍ଗରେ ୨୬୦୦ ଯାତ୍ରୀଙ୍କୁ ନେଇ ଟ୍ରାକ୍ ?ରେ ଗଡ଼ିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ଭାରତୀୟ ରେଳବାଇର ଏହି ବଡ଼ ମାଷ୍ଟରଷ୍ଟ୍ରୋକ୍ ସହ ଆଜି ଅର୍ଥାତ୍ ୧୭ ଜୁଲାଇ ୨୦୨୬ ଏକ ଐତିହାସିକ ତାରିଖ ପାଲଟିଛି । ହରିୟାଣାର ଜିନ୍ଦ ଏବଂ ସୋନିପତ ମଧ୍ୟରେ ନିଜର ପ୍ରଥମ ଯାତ୍ରା ଆରମ୍ଭ କରିଛି ଦେଶର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଇନ୍ଧନ ଚାଳିତ ଟ୍ରେନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁଜ ପତାକା ଦେଖାଇ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ।ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ଏହି ବ୍ରଡ୍ ଗେଜ୍ ଟ୍ରେନ୍ ?ଟି ବିଶ୍ୱର ସବୁଠାରୁ ଲମ୍ବା ଏବଂ ସର୍ବାଧିକ କ୍ଷମତା ବିଶିଷ୍ଟ ହାଇଡ୍ରୋଜେନ୍ ଟ୍ରେନ୍ । ଏହି ୧୦ କୋଚ୍ ବିଶିଷ୍ଟ ଟ୍ରେନରେ ସମୁଦାୟ ୨,୬୦୦ ଯାତ୍ରୀ ଯାତ୍ରା କରିପାରିବେ, ଯେଉଁଥିରେ ୬୮୨ଟି ସିଟ୍ ଉପଲବ୍ଧ । ଏଥିରେ ୧୨୦୦-୧୨୦୦ କିଲୋୱାଟର ଦୁଇଟି ଡ୍ରାଇଭିଂ ପାୱାର କାର୍ ଲଗାଯାଇଛି, ଯାହା ଏହାକୁ ମୋଟ୍ ୨୪୦୦ କିଲୋୱାଟର ଶକ୍ତି ପ୍ରଦାନ କରୁଛି । ପରୀକ୍ଷଣ ସମୟରେ ଏହା ୧୨୦ କିଲୋମିଟର ପ୍ରତି ଘଣ୍ଟା ବେଗ ହାସଲ କରିଥିବା ବେଳେ, ନିୟମିତ ଚଳାଚଳ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୭୫ କିଲୋମିଟର ରହିବ । ଟ୍ରେନ୍‌ର ପ୍ରଥମ ଯାତ୍ରାରେ ହରିୟାଣାର ଇଣ୍ଡସ୍ ପବ୍ଲିକ୍ ସ୍କୁଲ୍ ?ର କିଛି ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଟ୍ରେନ୍ ଗଡ଼ିବା ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀ ଉତ୍ସାହିତ ହେବା ସହ ବନ୍ଦେ ମାତରମ୍, ଭାରତ ମାତା କି ଜୟର ନାରା ଲଗାଇଥିଲେ ।ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍‌ର ରୁଟ୍, ସମୟ ଏବଂ ପକେଟ୍-ଅନୁକୂଳ ଭଡ଼ା କେତେ ଆସନ୍ତୁ ଜାଣିବା । ଏହି ଟ୍ରେନ୍ ସକାଳ ୭:୪୦ ମିନିଟରେ ଜିନ୍ଦ ଷ୍ଟେସନରୁ ବାହାରି ସକାଳ ୯:୪୦ ମିନିଟରେ ସୋନିପତ ଷ୍ଟେସନରେ ପହଞ୍ଚିବ । ପ୍ରମୁଖ ରହଣି ସ୍ଥାନ ହେଉଛି ପାଣ୍ଡୁ ପିଣ୍ଡାରା ଏବଂ ଗୋହାନା ସମେତ ୧୨ରୁ ୧୩ଟି ଛୋଟ ଷ୍ଟେସନ । ଏହି ଭଡ଼ା ସାଧାରଣ ପାସେଞ୍ଜର ଟ୍ରେନ୍ ସହ ସମାନ । ଅର୍ଥାତ୍ ଏଥିପାଇଁ ଯାତ୍ରୀମାନଙ୍କୁ ମାତ୍ର ୫ ରୁ ୨୫ ଟଙ୍କା ଭଡ଼ା ଦେବାକୁ ପଡ଼ିବ । ଏହି ଟ୍ରେନ୍ ପରିବେଶ ପାଇଁ ଏକ ବଡ଼ ବରଦାନ ସଦୃଶ । ଏଥିରେ ଓଭରହେଡ୍ ଲାଇନରୁ ବିଜୁଳି ମିଳିବ ନାହିଁ, ବରଂ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ମାଧ୍ୟମରେ ବିଦ୍ୟୁତ୍ ସୃଷ୍ଟି କରାଯାଇ ମୋଟର ଚଳାଯିବ । ଏହି ପ୍ରକ୍ରିୟାରେ କାର୍ବନ ନୁହେଁ, କେବଳ ଜଳୀୟ ବାଷ୍ପ ବାହାରିବ । ୨୦୩୦ ସୁଦ୍ଧା 'ନେଟ୍-ଜରୋ କାର୍ବନ ଏମିଟର' ହେବାକୁ ଭାରତୀୟ ରେଳବାଇ ଯେଉଁ ଲକ୍ଷ୍ୟ ରଖିଛି, ତାହା ଏହି ପାଇଲଟ୍ ପ୍ରୋଜେକ୍ଟ ଜରିଆରେ ସଫଳ ହେବାକୁ ଯାଉଛି । ଯଦି ଏହି ପ୍ରୟୋଗ ସଫଳ ହୁଏ, ତେବେ ଭବିଷ୍ୟତରେ ଦାର୍ଜିଲିଂ ଏବଂ କାଲକା-ଶିମଲା ଭଳି ପାର୍ବତ୍ୟ ତଥା ଦୁର୍ଗମ ଅଞ୍ଚଳରେ ମଧ୍ୟ ଡିଜେଲ ଇଞ୍ଜିନ ବଦଳରେ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ, ଯାହା ବିଦେଶରୁ ଆସୁଥିବା ମହଙ୍ଗା ଅଶୋଧିତ ତେଲ ଆମଦାନୀକୁ ହ୍ରାସ କରିବ । ବନ୍ଦେ ଭାରତ ପରେ ଏବେ ହାଇଡ୍ରୋଜେନ୍ ଟ୍ରେନ୍ ଦେଶର ରେଳ ନେଟୱାର୍କକୁ ବିକାଶର ଏକ ନୂଆ ଦିଗ ଦେବାକୁ ଯାଉଛି ।



##### ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ବଡ଼ ଆକ୍ସନ୍

# ପୁଣି କ୍ରାଇମବ୍ରାଞ୍ଚର ଛାନଭିନ୍

ଭୁବନେଶ୍ୱର, ୧୭।୭(ମହାଭାରତ): ରାଜ୍ୟରେ ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଆହୁରି ଜୋରଦାର କରିଛି। ଶୁକ୍ରବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ଏକକାଳୀନ ଏସ୍‌ସିଇଆରଟି, ଓସେପା ଏବଂ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟରେ ପହଞ୍ଚି ଦସ୍ତାବିଜ୍ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ପଚରାଉଚରା କରିଛି। ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଏହି ଛାନଭିନକୁ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି ଧରାଯାଉଛି।



ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚ ପାଠ୍ୟପୁସ୍ତକ ମୁଦ୍ରଣାଳୟର ନିର୍ଦ୍ଦେଶକଙ୍କୁ ପଚରାଉଚରା କରିବା ସହ ବହି ଛପା, ଖର୍ଚ୍ଚ ଓ ତ୍ରୁଟି ସମ୍ପର୍କିତ ବିଭିନ୍ନ ଫାଇଲ୍ ଓ ଦସ୍ତାବିଜ୍ ଯାଞ୍ଚ କରିଛି। ଏହାପୂର୍ବରୁ ମଧ୍ୟ ତଦନ୍ତକାରୀ ଟିମ୍ ଏସ୍‌ସିଇଆରଟିରୁ ବହି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଏସ୍‌ସିଇଆରଟରୁ ତଥ୍ୟ ସଂଗ୍ରହ ପରେ ଏବେ ଏସ୍‌ସିଇଆରଟିରେ ଡାଟା ଓ ରେକର୍ଡର ଖୁବ୍ ବାରିକୀରେ ଯାଞ୍ଚ ଚାଲିଛି।

ଏହି ମାମଲାରେ ନୂଆ ମୋଡ଼ ଆଣିଛି ପାଠ୍ୟପୁସ୍ତକ ମୁଦ୍ରଣ ଓ ବିକ୍ରୟ କାର୍ଯ୍ୟାଳୟର ପୂର୍ବତନ ସିନିୟର ଅଫସେଟ ଅପରେଟର ପ୍ରଦୀପ କୁମାର ମିଶ୍ରଙ୍କ ଅଭିଯୋଗ। ସେ ଦାବି କରିଛନ୍ତି ଯେ, ମୁଦ୍ରଣାଳୟରେ ପ୍ରୁଫ୍ ରିଡର ନଥିବାରୁ ପ୍ରୁଫ୍ ରିଡିଂ ବିନା ହିଁ ପାଠ୍ୟପୁସ୍ତକ ଛପାଯାଇଥିଲା, ଯାହା ଫଳରେ ବହିରେ ଏକାଧିକ ତ୍ରୁଟି ଦେଖାଦେଇଥିଲା।

ଏତିକି ନୁହେଁ, ପୂର୍ବତନ ପ୍ରୁଫ୍ ରିଡରଙ୍କଠାରୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଇ ପଦୋନ୍ନତି ଦିଆଯାଇଥିବା ଏବଂ କମ୍ ଦାମର ପୁରୁଣା ମେସିନ୍ କିଣି କୋଟି କୋଟି ଟଙ୍କାର ହେରଫେର ହୋଇଥିବା ନେଇ ମଧ୍ୟ ସେ ଗୁରୁତର ଅଭିଯୋଗ ଆଣିଛନ୍ତି ।ତେବେ ଏହି ସମସ୍ତ ଅଭିଯୋଗର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ। କ୍ରାଇମବ୍ରାଞ୍ଚ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। ଶିକ୍ଷା ବିଭାଗ ସହ ଜଡ଼ିତ ଏହି ସମ୍ବେଦନଶୀଳ ମାମଲା ଆଗାମୀ ଦିନରେ ଆଉ ବଡ଼ ଖୁଲାସା ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

## ସଂସଦରେ ଆସିବ ୫ ନୂତନ ବିଲ୍

ନୂଆଦିଲ୍ଲୀ୧୭।୭(ମହାଭାରତ): ଆସନ୍ତା ୨୦ରେ ଆରମ୍ଭ ହେବାକୁ ଥିବା ଅଷ୍ଟାଦଶ ସଂସଦର ଅଷ୍ଟମ ଅଧିବେଶନରେ କେନ୍ଦ୍ର ସରକାର ୫ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଆଗତ କରିପାରନ୍ତି । ଉକ୍ତ ପାଞ୍ଚଟି ବିଲରେ ଆଲୋଚନା ହେବା ସହିତ ସରକାର ଏହାକୁ ଉଭୟ ଗୃହରେ ପାରିତ କରିବାକୁ ଚେଷ୍ଟା କରିବେ । ସଂସଦ ଅଧିବେଶନରେ ଅଧ୍ୟାଦେଶ ଥିବା ଆୟକର ସଂଶୋଧନ ବିଲ୍ ୨୦୨୬ ବିଲ୍ ଆଗତ ହେବା ରହିଛି ।ସେହିପରି ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧିତ ବିଲ୍ ୨୦୨୬କୁ ମଧ୍ୟ ଆଗତ କରାଯିବ । ଏହି ବିଲ୍ ରେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ଆଇନ, ୧୯୫୬ ରେ ସଂଶୋଧନ ଆଣିବାକୁ ଚେଷ୍ଟା କରୁଛନ୍ତି ସରକାର । ଯାହା ଦ୍ୱାରା ଭାରତର ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବର୍ତ୍ତମାନର ୩୩ ରୁ ୩୭ କୁ ବୃଦ୍ଧି କରାଯାଇପାରିବ । ଆଗତ ହେବାକୁ ଥିବା ଅନ୍ୟ ବିଲ୍ ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍ ୨୦୨୬ ଦ୍ୱାରା ବିଳମ୍ବିତ ପଞ୍ଜୀକରଣର ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯ (୨୦୨୩ ରେ ସଂଶୋଧିତ)ର ଧାରା ୧୩(୩)କୁ ଆହୁରି ସଂଶୋଧନ କରିବାକୁ ଚେଷ୍ଟା କରାଯାଇଛି । ଜାତୀୟ ସମ୍ମାନର ଅପମାନ ନିବାରଣ ସଂଶୋଧନ ବିଲ୍ ୨୦୨୬ ଓ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ସଂଶୋଧନ ଆଗତ ହୋଇପାରେ । ଏହି ବିଲ୍ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ ଆଇନ, ୨୦୦୬କୁ ପରିବର୍ତ୍ତିତ ଏମ୍‌ଏସ୍‌ଏମ୍‌ଇ ଦୃଶ୍ୟପଟ ସହିତ ସମନ୍ୱିତ କରିବା, ବ୍ୟବସାୟ କରିବାର ସହଜତାକୁ ବୃଦ୍ଧି କରିବା ଏବଂ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମରେ ବିଶ୍ୱାସ-ଭିତ୍ତିକ ନିୟମ ଆଣିବା, ବିଳମ୍ବ ହୋଇଥିବା ଦେୟ ସମାଧାନ ପାଇଁ ତନ୍ତ୍ରକୁ ସୁଦୃଢ଼ କରିବାକୁ ସରକାର ଚେଷ୍ଟା କରୁଛନ୍ତି ।

## 'ଟାହିଆ ନେଇ ବଢୁଛି ରାଜନୀତି'

ପୁରୀ, ୧୭।୭(ମହାଭାରତ):: ଗତକାଲି ପହଣ୍ଡି ବେଳେ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିବା ପ୍ରସଙ୍ଗକୁ ନେଇ ବିରୋଧୀମାନେ ସରକାରଙ୍କୁ ଘେରିଥିବା ବେଳେ ଶୁକ୍ରବାର ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି ଯେ ଟାହିଆ ଖୋଲା ନଯାଇଥିଲେ ମହାପ୍ରଭୁ ରଥକୁ ଆସି ପାରିନଥା'ନ୍ତେ।

ସେ କହିଛନ୍ତି ଯେ ଟାହିଆ ସମର୍ପଣ ହୋଇଗଲା ପରେ, ତା'ର ଆବଶ୍ୟକତା ନଥାଏ। ପ୍ରବଳ ବର୍ଷା ଯୋଗୁ ତାହା ଛିନ୍ନଭିନ୍ନ ହୋଇଗଲା। ଫଳରେ ତାକୁ ରଖିବା ସମ୍ଭବ ହେଲା ନାହିଁ। ଟାହିଆ ଯଦି ସେମିତି ରହି ଥାଆନ୍ତା, ତା'ହେଲେ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥକୁ ଆସିପାରି ନଥା'ନ୍ତେ।

ସେହିପରି ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ କହିଛନ୍ତି ଯେ ୨୨ ପାହାଚ ପର୍ଯ୍ୟନ୍ତ ଟାହିଆ ସହିତ ଆସିଥିଲେ ମହାପ୍ରଭୁ। ଟାହିଆରେ ସୋଲ ଓ ଫୁଲ ଲାଗିଥାଏ। ବର୍ଷା ଯୋଗୁ ସେଗୁଡିକୁ ଓଦା ହୋଇଯାଇଥିଲା। ସେଥିପାଇଁ ଟାହିଆକୁ ବାହାର କରି ଦିଆଯାଇଥିଲା। ଟାହିଆ ବାରମ୍ବାର ଖସିବା ଯୋଗୁ ତଳେ ବାଜିଲା ଓ ତା'ସହିତ କିଛି ସେବାୟତଙ୍କ ଆଖିରେ ମଧ୍ୟ ବାଜିଲା। ତା'ପରେ ମହାପ୍ରଭୁଙ୍କ ଟାହିଆକୁ କା ? ଦିଆଯାଇଥିଲା। ୨୦୧୫ରେ ମଧ୍ୟ ମହାପ୍ରଭୁ ବିନା ଟାହିଆରେ ଆସିଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପା ?ୀ କହିଛନ୍ତି ଯେ ଟାହିଆ ଲାଗିବା ବା ନ ଲାଗିବା ପ୍ରସଙ୍ଗରେ ମନ୍ଦିର ପ୍ରଶାସନର କୌଣସି ଭୂମିକା ନାହିଁ। ପ୍ରଶାସନ କେବଳ ନିରୀକ୍ଷଣ କରିଥାଏ। ଏହା ସମ୍ପୂର୍ଣ୍ଣ ଭାବେ ସେବକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଟାହିଆର ଓଜନ ଅଧିକ ଥିବାରୁ ଏହାକୁ ବାଧ୍ୟ ହୋଇ ଖୋଲିବାକୁ ପଡିଲା। ଏହା କୌଣସି ପ୍ରକାରେ ପରମ୍ପରାକୁ କ୍ଷୁଣ୍ଣ କରୁ ନାହିଁ ବୋଲି ସେବାୟତମାନେ ଆମକୁ କହିଛନ୍ତି।

ସେହିପରି ଶରଧାବାଲିରେ ୱାନ ୱେ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ସମ୍ମୁଖରୁ ଦର୍ଶନ କରି ଶରଧାବାଲି ବାଟେ ବାହାରିବେ ଶ୍ରଦ୍ଧାଳୁ। ଗତବର୍ଷର ଅଘଟଣକୁ ଦେଖି ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଆପଣା ଯାଇଛି। ଆସନ୍ତାକାଲି ସନ୍ଧ୍ୟା ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆଡପ ବିଜେ ନୀତି ଅନୁଷ୍ଠିତ ହେବ। ଏହା ସହିତ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

# ଲାଇସେନ୍ସ ରଦ୍ଦକୁ ବି ଖାତିର କରୁନାହାନ୍ତି

ଭୁବନେଶ୍ୱର, ୧୭।୭(ମହାଭାରତ): : ଅମାନିଆ ଗାଡି ଚାଳକଙ୍କୁ ନିୟନ୍ତ୍ରଣ ପାଇଁ ସରକାର ଯେତେ ଦଣ୍ଡ ବ୍ୟବସ୍ଥା କଲେ ବି ସେମାନେ ସହଜରେ ମାନୁ ନାହାନ୍ତି । ବିଶେଷକରି ଲାଇସେନ୍ସ ରଦ୍ଦ ଓ ଆର୍ଥିକ ଜୋରିମାନା ସେମାନଙ୍କୁ କାଟୁ କରୁନାହିଁ ।ରାଜ୍ୟ ସରକାର ଏବେ ସଡକ ଦୁର୍ଘଟଣାକୁ ନେଇ ଚିନ୍ତାରେ ପଡିଥିବାବେଳେ ଅମାନିଆ ଗାଡିଚାଳକ ପାଇଁ ଦୁର୍ଘଟଣା ସଂଖ୍ୟା ବଢିବାରେ ଲାଗିଛି । ଏମାନଙ୍କୁ ଜବତ ପାଇଁ ଲାଇସେନ୍ସ ରଦ୍ଦ ଭଳି ପଦକ୍ଷେପ ନିଆଯାଇଥିଲା । ଏଥିଯୋଗୁଁ ଗତ ୨ବର୍ଷରେ ରାଜ୍ୟରେ ୬୫ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଥିବା ସରକାରୀ ଭାବେ କୁହାଯାଉଛି ।ସାଧାରଣତଃ ଲାଇସେନ୍ସ ନଥିବା ଚାଳକମାନେ ରାସ୍ତାଘାଟରେ ଗାଡିମୋଟର ଚଳାଇବା ଦଣ୍ଡନୀୟ ଅପରାଧ । ହେଲେ ଠିକଣା ଯାଞ୍ଚ ହେଉନଥିବାରୁ ଲାଇସେନ୍ସ ରଦ୍ଦ ହୋଇଥିବା ଚାଳକମାନେ ବି ବିନା ଭୟରେ ଗାଡିମୋଟର ଚଳାଉଛନ୍ତି । ଲାଇସେନ୍ସ ରଦ୍ଦ ତାଲିକାରେ ଭୁବନେଶ୍ୱରର ଦୁଇଟି ଯାକ ଆରଟିଓ ଦପ୍ତର ସବୁଠାରୁ ଆଗରେ ରହିଛନ୍ତି । ଏଠାରେ ଦୁଇ ବର୍ଷରେ ସାଢେ ୬ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଛି । ଅନୁଗୁଳରେ ୪ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଥିବାବେଳେ କଟକରେ ୩୭୦୦ରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଛି ।

କେବଳ ଲାଇସେନ୍ସ ରଦ୍ଦ ନୁହେଁ ଅମାନିଆ ଚାଳକଙ୍କ ଉପରେ ଆର୍ଥିକ ଦଣ୍ଡ ମଧ୍ୟ ଲଗାଯାଉଛି । ଗତ ୨ବର୍ଷରେ ଏଭଳି ଚାଳକଙ୍କ ଠାରୁ ୨୧୬ କୋଟି ଟଙ୍କାରୁ ଅଧିକ ଜୋରିମାନା ଆଦାୟ କରାଗଲାଣି । ଜୋରିମାନା ଗଣୁଥିବା ଚାଳକଙ୍କ ମଧ୍ୟରେ ମଦୁଆ ଓ ବିନା ଲାଇସେନ୍ସଧାରୀ ମଧ୍ୟ ରହିଛନ୍ତି । ଏତେ ପରିମାଣର ଜୋରିମାନା ଆଦାୟ ସତ୍ତ୍ୱେ ସଡକରେ ଦୁର୍ଘଟଣା କମିବା ପରିବର୍ତ୍ତ ? ବଢିବାରେ ଲାଗିଛି ।ରାଜ୍ୟ ସରକାର ବର୍ତ୍ତମାନ ସଡକ ଦୁର୍ଘଟଣା ରୋକିବାପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛନ୍ତି । ହେଲେ ବିନା ଲାଇସେନ୍ସଧାରୀ ବିଶେଷକରି ବେପରୁଆ ଗାଡି ଚାଳନା କରି ଲାଇସେନ୍ସ ହରାଇଥିବା ଚାଳକମାନେ ଯେଭଳି ଆଉଥରେ ସହଜରେ ଲାଇସେନ୍ସ ନପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ । ସେହିଭଳି ଜୋରିମାନା ଗଣୁଥିବା ମଦୁଆ ଚାଳକମାନେ ମଧ୍ୟ ସହଜରେ ସୁଧୁରୁ ନାହାନ୍ତି । ତେଣୁ ମଦ ପିଇ ଗାଡି ଚଳାଇ ବାରମ୍ବାର ଧରାପଡୁଥିବା ଚାଳକମାନଙ୍କୁ କଠିନ ଦଫା ଲଗାଇ ଜେଲ୍ ? ପଠାଇବାକୁ ମତପ୍ରକାଶ ପାଉଛି ।

ଅନ୍ୟ ପକ୍ଷରେ ଗାଁ ଗହଳରେ ଦୁଇ ଚକିଆ ଓ ଚାରିଚକିଆ ଗାଡି ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନୁରୂପ ସଂଖ୍ୟାରେ କିନ୍ତୁ ଡ୍ରାଇଭିଂ ଲାଇସେନ୍ସ ହେଉନାହିଁ । ପରୀକ୍ଷା ଦେଇ ଲାଇସେନ୍ସ ହାସଲ କରିବା ଅପେକ୍ଷା ବିନା ଲାଇସେନ୍ସରେ ଗାଡି ଚଳାଇବାକୁ ଯୁବବର୍ଗ ପସନ୍ଦ କରୁଛନ୍ତି । ଏହା ମଧ୍ୟ ସଡକ ଦୁର୍ଘଟଣାର ଅନ୍ୟତମ କାରଣ ପାଲଟୁଛି । ବିଶେଷକରି ଦୁର୍ଘଟଣା ପରେ ଲାଇସେନ୍ସ ନଥିବାରୁ ଚାଳକ ଓ ଆରୋହୀମାନେ କ୍ଷତିପୂରଣ ପାଇପାରୁ ନାହାନ୍ତି । ତେଣୁ ସଡକ ଦୁର୍ଘଟଣାରେ ଅଙ୍କୁଶ ଲଗାଇବାପାଇଁ ଲାଇସେନ୍ସ ପ୍ରଦାନ ବ୍ୟବସ୍ଥାକୁ କଠୋର କରିବା ସହିତ ବିନା ଲାଇସେନ୍ସ ଚାଳକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମତପ୍ରକାଶ ପାଉଛି ।

## ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



#### ····· ଖବର ······

## କ୍ୟାଟ୍ରିନାଙ୍କ ଜନ୍ମଦିନ ପାଳିଲେ ଭିକି କୌଶଳ






କ୍ୟାଟ୍ରିନା କୈଫ୍ ଜୁଲାଇ ୧୬ ତାରିଖରେ ତାଙ୍କ ସ୍ୱାମୀ ଭିକି କୌଶଳ, ପୁଅ ଭିୟାନ ଏବଂ ପରିବାର ସହିତ ତାଙ୍କର ୪୩ତମ ଜନ୍ମଦିନ ପାଳନ କରିଥିଲେ । ଏହି ଖୁସିର ଝଲକକୁ ଭିକି କୌଶଳ ଏବେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଛନ୍ତି । ଯାହାକୁ ଦେଖିବା ପରେ ପ୍ରଶଂସକମାନେ ଭିକି-କ୍ୟାଟ୍ରିନାଙ୍କ ଉପରେ ପ୍ରେମ ବର୍ଷା କରିଛନ୍ତି ।ଛାଓ୍ୱା ଅଭିନେତା ଭିକି କୌଶଳ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ସେୟାର କରିଥିବା ପୋଷ୍ଟରେ ସେ କ୍ୟାଥ୍ରିନାଙ୍କୁ କୋଳେଇ ଧରିବା ସହ ହାତରେ ଖଣ୍ଡେ କେକ୍ ଧରିଥିବାର ଦେଖିବାକୁ ମିଳିଛି । କ୍ୟାଟ୍ରିନା ଧଳା ଟପ୍ ସହିତ ଡେନିମ୍ ଜ୍ୟାକେଟରେ ନଜର ଆସିଥିବାବେଳେ ଭିକିଙ୍କୁ ଧଳା ସାର୍ଟରେ ଦେଖିବାକୁ ମିଳିଛି । ଏଥିସହ ଡେକୋରେସନ୍ ପାଇଁ ଜନ୍ମଦିନର ବେଲୁନ୍ ଏବଂ ହାପି ବାର୍ଥଡେ କ୍ୟାଟ୍ରିନାର ଏକ ବ୍ୟାନର ଲଗାଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଦୁହେଁ ପରସ୍ପରକୁ ହଗ୍ କରିଥିବା ନଜର ଆସିଛନ୍ତି ।

ରୀନା ଦତ୍ତାଙ୍କ ସହିତ ତାଙ୍କର ପ୍ରଥମ ବିବାହ ହୋଇଥିଲା, ଯାହା ୧୯୮୬ ରୁ ୨୦୦୨ ପର୍ଯ୍ୟନ୍ତ ଚାଲିଥିଲା। ପୂର୍ବତନ ଦମ୍ପତିଙ୍କ ଦୁଇଟି ସନ୍ତାନ ଅଛନ୍ତି - ଜୁନୈଦ ଖାନ ଏବଂ ଇରା ଖାନ । ଗୌରୀଙ୍କ ପ୍ରେମରେ ପଡ଼ିବା ପୂର୍ବରୁ, ଆମିର ଫିଲ୍ମ ନିର୍ମାତା କିରଣ ରାଓଙ୍କୁ ବିବାହ କରିଥିଲେ । ଏହି ଦମ୍ପତି ୨୦୦୫ ମସିହାରେ ବିବାହ କରିଥିଲେ ଏବଂ ସେମାନଙ୍କର ଏକ ପୁଅ ଆଜାଦ ଥିଲା । ୧୬ ବର୍ଷ ବିବାହ ପରେ, ସେମାନେ ୨୦୨୧ ମସିହାରେ ଅଲଗା ହେବାର ଘୋଷଣା କରିଥିଲେ । ଗୌରୀ ଏକ ୬ ବର୍ଷର ପୁଅର ମାଆ ମଧ୍ୟ ହୋଇଥିଲେ । ଯଦିଓ ସେମାନଙ୍କ ବିବାହ ଭାଙ୍ଗି ଯାଇଥିଲା, ଆମିର ଏବଂ କିରଣ ସେମାନଙ୍କର ସମ୍ପର୍କ ବଜାୟ ରଖିଛନ୍ତି ଏବଂ ପ୍ରାୟତଃ ଫିଲ୍ମ ପ୍ରୋଜେକ୍ଟରେ ଏକାଠି କାମ କରନ୍ତି ।

## ସୁସ୍ଥ ଜୀବନଯାପନ ପାଇଁ



ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ। ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ। ୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ।

## ସୁନ୍ଦର ନଖ ପାଇଁ ଆପଣାନ୍ତୁ ଏହି ସହଜ ଉପାୟ

ତ୍ୱଚର ସୁନ୍ଦରତା ସହ ହାତର ସୁନ୍ଦରତା ମଧ୍ୟ ଖୁବ ଆବଶ୍ୟକ। ହାତର ସୁନ୍ଦରତା ପାଇଁ ଏହାର ସଠିକ ଭାବେ ଯତ୍ନ ନେବା ସହ ନଖ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିଥାଏ। ନଖରେ ବିଭିନ୍ନ ସୁନ୍ଦର ସୁନ୍ଦର ନେଲ୍ ଆର୍ଟ ମଧ୍ୟ କରାଯାଏ। ମାତ୍ର ବହୁ ସମୟରେ ଏଭଳି ଦେଖାଯାଇଛି ଯେ, ବହୁ ଯୁବତୀଙ୍କ ନଖ ଅପେକ୍ଷାକୃତ ଦୁର୍ବଳ। ଯାହା ଫଳରେ ଏହା ସହଜରେ ଭାଙ୍ଗି ଯାଏ। ଏହି ସମସ୍ୟାକୁ ମୁକ୍ତି ପାଇବା ପାଇଁ ତଥା ନଖ ଶକ୍ତ ଓ ସୁନ୍ଦର କରିବା ପାଇଁ ରସୁଣର ବ୍ୟବହାର କରିପାରିବେ। ରସୁଣ ଦୁର୍ବଳ , ସହଜରେ ଭାଙ୍ଗିଯାଉଥିବା ନଖ ପାଇଁ ଖୁବ ହିତକାରକ। ଜାଣନ୍ତୁ ନଖ ପାଇଁ କିଛି ସହଜ ଉପାୟରେ କିଭଳି ରସୁଣର ବ୍ୟବହାର କରିବେ।



ରସୁଣ ଓ ଅଭିଲ ଅଏଲ : ୨ ରୁ ୩ଟି ରସୁଣକୁ ପେଷ୍ଟ କରି ଅଲିଭ ଅଏଲରେ ମିଶାଇ ନଖରେ ଲଗାନ୍ତୁ। ଏକ ଘଣ୍ଟା ପରେ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ନଖ ପାଇଁ ବେଶ ଲାଭଦାୟକ। ରସୁଣରେ ଆଣ୍ଟି-ସେଫଟିକ ଗୁଣ ରହିଛି। ଯାହାର ନଖର ବହୁ ସମସ୍ୟାକୁ ଦୂର କରିଥାଏ।

ରସୁଣର ପାଣି : ରସୁଣର ଚୋପା ଛଡ଼ାଇ ଏହାକୁ ଏକ ପାତ୍ରରେ ପାଣି ନେଇ ବତୁରାଇ ରଖି ଦିଅନ୍ତୁ। ଏହାପରେ ରସୁଣକୁ କାଢି ଏହାର ପାଣିରେ ହାତକୁ ବୁଡ଼ାଇ ୧୦ ରୁ ୧୫ ମିନିଟ ରଖନ୍ତୁ। ପରେ ସାଧାରଣ ପାଣିରେ ହାତ ଧୋଇ ଦିଅନ୍ତୁ।

ରସୁଣ ପେଷ୍ଟ ପ୍ରସ୍ତୁତ କରି ଲଗାନ୍ତୁ :୪ ରୁ ୫ଟି ରସୁଣ ନେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅଳ୍ପ ନେଲପୋଲିସ ଥିବା ବୋତଲରେ ଭଲ ଭାବେ ମିଶାଇ ରଖନ୍ତୁ। ନେଲପୋଲିସ ଲଗାଇବା ଭଳି ଏହାକୁ ଲଗାଇ ୧ ରୁ ୨ ଘଣ୍ଟା ରଖି ଉଷୁମ ପାଣିରେ ହାତ ଧୋଇବା ସହ ସେହି ନେଲପୋଲିସକୁ ମଧ୍ୟ ଛଡ଼ାଇ ଦିଅନ୍ତୁ।

## ରାବଣକୁ ରମ୍ଭା ଓ ନଳ-କୁବେରଙ୍କ ଅଭିଶାପ



ମୁନି ନିଜର ପୌତ୍ର ରାବଣକୁ ସହସ୍ରାର୍ଜୁନଙ୍କ ପୁରରୁ ମୁକ୍ତ କରି ଆଣି କହିଲେ, ଆରେ ଦଶାନନ! ତୁ' କାହାର ପୁତ୍ର ଓ କାହାର ନାତି ହୋଇ ଏପରି କୁକାର୍ଯ୍ୟ କରି ବଂଶର ମାନ ମର୍ଯ୍ୟାଦା ନଷ୍ଟ କରୁଛୁ। ତୋର ଜ୍ୟେଷ୍ଠ ଭ୍ରାତା କୁବେର ଦେବତାଙ୍କ ସଂଗରେ ସମାନ ହୋଇ ପୂଜା ପାଉଥିବା ସ୍ଥଳେ ତୁ ବିଧା ଗୋଇଠା ଖାଉଛୁ? ଆଉ ଏହିପରି କୁକର୍ମ ନ କରି ନିଜର କର୍ମକୁ ଉଚିତ୍ ମାର୍ଗରେ ଲଗାଇଲେ ଆନନ୍ଦ ପାଇବୁ। ମୁଁ ମୋ ସ୍ଥାନକୁ ଯାଉଛି। ତୁ ଲଙ୍କାଗଡ଼କୁ ପ୍ରସ୍ଥାନ କର। ରାବଣ ପିତାମାତାଙ୍କୁ ପ୍ରଣାମ କରି ଲଙ୍କାଗଡ଼କୁ ଯିବା ପଥରେ ଦେଖିଲା, ଏକ ସୁନ୍ଦରୀ ଯୁବତୀ କନ୍ୟାଟିଏ ହସ୍ତରେ ପୁଷ୍ପ ଚନ୍ଦନ ଧରି କେଉଁଆଡ଼େ ଯାଉଅଛି। ରାବଣ ସହଜରେ ରାକ୍ଷସୀ ଗର୍ଭରୁ ସମ୍ଭୂତ। ପିତାମହ ପୌଲସ୍ତ୍ୟଙ୍କ ନୀତିବାକ୍ୟ ତାର କୁଆଡ଼େ ବିସ୍ମରଣ ହୋଇଗଲା। ତା'ପରେ ସେ ସହସ୍ରାର୍ଜୁନଙ୍କ ପୁର ମଧ୍ୟରେ ବହୁଦିନ ଧରି ବନ୍ଦୀ ହୋଇଥିଲେ। ସେ ଏହିପରି ଅନୁପମ ସୁନ୍ଦରୀ ରମଣୀକୁ ଦେଖି ପ୍ରଶ୍ନକଲା, ହେ ନାରୀ! ତୁ'କିଏ? କେଉଁଆଡ଼େ ଯାଉଛୁ? ଆ ମୋ ସଂଗରେ ଯିବୁ, ତୋତେ ଲଙ୍କାଗଡ଼ରେ ରାଣୀ କରି ରଖିବି। ସେହି କନ୍ୟା ଥିଲା ସ୍ୱର୍ଗର ଅପ୍ସରା ରମ୍ଭା। ସ୍ୱର୍ଗପୁରର ଅପ୍ସରାମାନେ ଯେଉଁଦିନ ଦେବତାଙ୍କ ପୁରକୁ ଯାଆନ୍ତି, ସେହିଦିନ ସେହି ଦେବତାଙ୍କ ପତ୍ନୀ ହୋଇଥାନ୍ତି। ସେହିଦିନ ରମ୍ଭା କୁବେରଙ୍କ ପୁତ୍ର ନଳକୁବେରଙ୍କ ପୁରକୁ ଗମନ କରୁଥିଲେ। ରମ୍ଭା ରାବଣକୁ ବହୁ ପୂର୍ବରୁ ଚିହ୍ନିଥିଲା। ତେଣୁ ସେ ଲଜ୍ଜାରେ ମୁଖତଳକୁ କରି ରହିଗଲା। କିନ୍ତୁ ରାବଣ କିଛି ହିତାହିତ ବିଚାର ନକରି ରମ୍ଭାର ହସ୍ତକୁ ଧରି ଜବରଦସ୍ତ ଟାଣିଲା। ରମ୍ଭା ହସ୍ତକୁ ଛଡ଼ାଇ ନେଇ କହିଲା, ହେ ଲଙ୍କାପତି! ମୁଁ ତୁମ୍ଭର ପୁତ୍ରବଧୂ ନଳକୁବେରଙ୍କ ପତ୍ନୀ ଅଟେ। ତୁମ୍ଭେ ମୋର ଶ୍ୱଶୁର । ଏପରି ଅନ୍ୟାୟ କିପରି କରୁଛନ୍ତି। ରାବଣ ମହାପଣ୍ଡିତ ହେଲେ ସବୁ ସମୟରେ ମୂର୍ଖତାର ପରିଚୟ ଦେଇଥାଏ। ନିଜେ ବଡ଼ ବୋଲି ଏହି ଗର୍ବଭାବ ସର୍ବଦା ତା'ମନକୁ ଖାଇ ଯାଉଥାଏ। ମଲ୍ଲୀ, ହେନା, ଚମ୍ପା, ପୁଷ୍ପ ଫୁଟିଲେ ବାସ୍ନା ଚହଟି ଯାଇଥାଏ। ମହତ ଲୋକମାନେ ସେହିପରି ନିଜ ଗୁଣ କାହାକୁ କହନ୍ତି ନାହିଁ। କିନ୍ତୁ ସର୍ବଶାସ୍ତ୍ର ବିଶାରଦ ମହାପଣ୍ଡିତ ରାବଣ ସର୍ବଦା ନିଜକୁ ନିଜେ ବଡ଼ ଲୋକ ବୋଲି ଦେଖାଇବାକୁ ଲାଗିଥାଏ। ତାହାଦ୍ୱାରା ତା'ର ସର୍ବଦା ନିନ୍ଦା ରଚନା ହେଉଥାଏ ଏବଂ ସମସ୍ତେ ତା ନାମ ପଡ଼ିଲେ ଆତଙ୍କିତ ହୋଇଥାନ୍ତି । ନୀଚମତି ରାବଣ ରମ୍ଭାର ବାକ୍ୟ ନ ଶୁଣି ତାକୁ ବଳାତ୍କାର କରିବାରୁ ରମ୍ଭା କହିଲା, ଆରେ ନୀଚ ପାପିଷ୍ଠ ରାକ୍ଷସ! ତୁ ନାରୀ ଜାତିକୁ ଅସମ୍ମାନ କରିଛୁ। ତୋର କ'ଣ ମାତା, ଭଗ୍ନୀ, ବଧୂ କିଛି ନାହି? ଆରେ ଦଶାନନ! ଆମ୍ଭ ନାରୀ ଜାତି ପାଇଁ ତୋର ପ୍ରାଣ ଯାଉ। ବଂଶ ବିନାଶ ହେଉ। ରାବଣ ରମ୍ଭାର ଅଭିଶାପ ଶ୍ରବଣ କରି ତା'ହସ୍ତ ଛାଡ଼ିଦେଲା। ରମ୍ଭା କ୍ରୋଧରେ ଥରୁଥିଲା। ବିକଳରେ ନଳକୁବେରଙ୍କ ଅଳକାପୁରରେ ପ୍ରବେଶ କରି ନଳକୁବେରଙ୍କୁ ସମସ୍ତ ବିଷୟ କହିଲା। ନଳକୁବେର ମହାକ୍ରୋଧରେ ରାବଣକୁ ଅଭିଶାପ ଦେଲେ ଆରେ, ପାପୀ ଦଶାନନ!

ମୁଁ ତୋର ଜ୍ୟେଷ୍ଠ ଭ୍ରାତା କୁବେରଙ୍କ ପୁତ୍ର ଓ ତୋର ପୁତ୍ର ସମ। ମୁଁ ଆଜିଠାରୁ ତୋତେ ଅଭିଶାପ ଦେଉଛି, ତୋର ବଂଶ କ୍ଷୟ ହୋଇଯାଉ। ନଳକୁବେରଙ୍କର ଏହି ଅଭିଶାପ ଏକରୂପ ଧାରଣ କରି ଲଙ୍କାଗଡ଼ରେ ରାବଣ ବସିଥିବା ସ୍ଥାନରେ ଉପସ୍ଥିତ ହେଲା। ରାବଣ ସେହି ମୂର୍ତ୍ତିକୁ ଦେଖିବାରୁ ତା'ର ସର୍ବାଙ୍ଗ ସହିତ ଦଶଶିର କମ୍ପିତ ହେବାକୁ ଲାଗିଲା। ସେ ଉକ୍ତ ଅଭିଶାପ ସ୍ୱୀକାର କରି ନେଲା।

## ଉପନିଷଦରେ ସିଦ୍ଧି ପ୍ରାପ୍ତିର ବିଭିନ୍ନ ମାର୍ଗ



ଉପନିଷଦ ଅନୁଯାୟୀ ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ତିନୋଟି ଅବସ୍ଥା ରହିଛି । ଜାଗୃତ, ସ୍ୱପ୍ନ ଏବଂ ସୁଷୁପ୍ତି। ଏହି ତିନୋଟି ଅବସ୍ଥାରୁ ଉର୍ଦ୍ଧ୍ୱକୁ ଯିବାର ମାର୍ଗ ହିନ୍ଦୁ ଧର୍ମରେ ରହିଛି।

ତୁରୀୟାତୀତ ଅବସ୍ଥା : ତୁରୀୟ ଅବସ୍ଥା ଠାରୁ ଉର୍ଦ୍ଧ୍ୱ ପ୍ରଥମ ସୋପାନକୁ ତୁରୀୟାତୀତ ଅନୁଭବ ଅବସ୍ଥା କୁହାଯାଏ। ଏହି ଅବସ୍ଥାରେ ମନୁଷ୍ୟର ଅନୁଭବ ସ୍ଥାୟୀ ହୋଇଥାଏ। ସେ ଚେତନାର ଏପରି ଅବସ୍ଥାକୁ ପ୍ରାପ୍ତ କରିଥାଏ, ଯାହାଦ୍ୱାରା ସେ ଯୋଗୀ ବା ଯୋଗସ୍ଥ ବୋଲାଇଥାଏ। ଏହି ଅବସ୍ଥାରେ ବ୍ୟକ୍ତିକୁ ଶରୀରର ଆବଶ୍ୟକତା ନଥାଏ।

ଭଗବତ ଚେତନା : ତୁରୀୟାତୀତ ଅବସ୍ଥାରେ ରହି ରହି ଭଗବତ ଚେତନା ଅବସ୍ଥା ପ୍ରାପ୍ତ ହୋଇଥାଏ। ଏଥିପାଇଁ କୌଣସି ସାଧନାର ଆବଶ୍ୟକତା ନଥାଏ। ଏହାପରେ ବିକାଶ ସହଜ, ସ୍ୱାଭାବିକ ଏବଂ ନିଃପ୍ରୟାସ ହୋଇଥାଏ। ମହାନ ସିଦ୍ଧିଯୋଗୀମାନେ ଏହି ଅବସ୍ଥାକୁ ପ୍ରାପ୍ତ କରିଥାନ୍ତି।

ବ୍ରାହ୍ମୀ ଚେତନା : ଭଗବତ ଚେତନା ପରେ ମନୁଷ୍ୟ ଠାରେ ବ୍ରାହ୍ମୀ ଚେତନାର ଉଦୟ ହୋଇଥାଏ। ଅର୍ଥାତ୍, ପଦ୍ମ ପୂର୍ଣ୍ଣ ରୂପରେ ପ୍ରସ୍ଫୁଟିତ ହେବା। ଅହମ୍ ବ୍ରହ୍ମସ୍ମି ଏବଂ ତତ୍ତ୍ୱମସି ଅର୍ଥାତ୍ ମୁଁ ହିଁ ବ୍ରହ୍ମ ଅଟେ ଏହି ସମ୍ପୂର୍ଣ୍ଣ ଜଗତକୁ ହିଁ ମୁଁ ବ୍ରହ୍ମ ରୂପରେ ଦେଖୁଛି ।

ଜାଗୃତ ଅବସ୍ଥା : ଆଖି ଖୋଲା ରହିବାର ଅର୍ଥ ଜାଗ୍ରତ ଥିବା ବ୍ୟକ୍ତି କିନ୍ତୁ ଖୋଲା ଆଖିରେ ସ୍ୱପ୍ନ ଦେଖିବା, କଳ୍ପନା କରିବା, ବିଚାର କରିବା କିମ୍ବା କୌଣସି ଚିନ୍ତନରେ ମଜ୍ଜିଯିବାର ଅର୍ଥ ହେଉଛି ସ୍ୱପ୍ନରେ ବଞ୍ଚିବା । ମାତ୍ର ୧ ପ୍ରତିଶତ ଲୋକ ବର୍ତ୍ତମାନ ସଠିକ ଭାବେ ଜାଗ୍ରତ ରହିଛନ୍ତି। ଏପରି ମନୁଷ୍ୟ ହିଁ ମହାଯୋଗୀ ପଦବାଚ୍ୟ।

ସ୍ୱପ୍ନ ଅବସ୍ଥା : ଜାଗୃତି ଏବଂ ନିଦ୍ରା ମଧ୍ୟର ଅବସ୍ଥାକୁ ସ୍ୱପ୍ନର ଅବସ୍ଥା କହିଥା'ନ୍ତି। ସ୍ୱପ୍ନରେ ବ୍ୟକ୍ତି ଅଳ୍ପ ଜାଗ୍ରତ ହୋଇଥାଏ ଏବଂ ଅଳ୍ପ ଶୋଇଥାଏ। ଏଥିରେ ଅସ୍ପଷ୍ଟ ଅନୁଭବ ଏବଂ ଭାବ ମିଶ୍ରିତ ହୋଇ ରହିଥାଏ। ସେଥିପାଇଁ ବ୍ୟକ୍ତି କେତେବେଳେ ଯେ ସ୍ୱପ୍ନ ଦେଖିନେଇଥାଏ ତା'ର କୌଣସି ଭରସା ନଥାଏ ।

ସୁଷୁପ୍ତି ଅବସ୍ଥା : ଗଭୀର ଏବଂ ସ୍ୱପ୍ନମୁକ୍ତ ନିଦ୍ରାକୁ ସୁଷୁପ୍ତି କୁହାଯାଏ। ଏହି ଅବସ୍ଥାରେ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଟି କର୍ମେନ୍ଦ୍ରୀୟ ସହିତ ଆତ୍ମା ବିଶ୍ରାମ କରିଥାଏ। ମୃତ୍ୟୁକାଳରେ ଅଧିକାଂଶ ଲୋକ ଏହି ଅବସ୍ଥାକୁ ଚାଲିଯା'ନ୍ତି ।

ତୁରୀୟ ଅବସ୍ଥା : ଚେତନାର ଚତୁର୍ଥ ଅବସ୍ଥାକୁ ତୁରୀୟ କହିଥା'ନ୍ତି। ଏହି ଅବସ୍ଥା ବ୍ୟକ୍ତିର ପ୍ରୟାସ କାରଣରୁ ପ୍ରାପ୍ତ ହୋଇଥାଏ। ଏଥିରେ ଜାଗୃତି ନଥାଏ, ସ୍ୱପ୍ନ ଏବଂ ସୁଷୁପ୍ତି ମଧ୍ୟ ନଥାଏ। ଏହା ବିଚାର ଏବଂ ଅତୀତ ଓ ଭବିଷ୍ୟତର କଳ୍ପନା ଠାରୁ ଉର୍ଦ୍ଧ୍ୱରେ ଥାଏ।

# ବୌଦ୍ଧ ଐତିହ୍ୟ ପର୍ଯ୍ୟଟନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୭।୭(ମହାଭାରତ): ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବୁଧବାର ଲୋକସେବା ଭବନଠାରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିରାଙ୍ଗସ୍ଥିତ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାକୁ ବୌଦ୍ଧ ଐତିହ୍ୟ, ଆଧ୍ୟାତ୍ମିକତା, ଗବେଷଣା ଏବଂ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ମାନ୍ୟତାପ୍ରାପ୍ତ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଭାଗିଦାରୀ ତାହାକୁ ଆହୁରି ସୁଦୃଢ଼ କରିବ।



ଏହି ବୁଝାମଣାପତ୍ରଟି ଉପମୁଖ୍ୟମନ୍ତ୍ରୀ, ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା; ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା, ଶ୍ରୀ ସୂର୍ଯ୍ୟବଂଶୀ ସୂରଜ; ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଜିରାଙ୍ଗ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାରର ସଭାପତି ହିଜ୍ ଏମିନେନ୍ସ ଗ୍ୟେତୁଲ ଜିଗ୍ମେ ରିନପୋଛେଙ୍କ ସମ୍ମାନଜନକ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବରିଷ୍ଠ ପଦାଧିକାରୀ, ବୌଦ୍ଧ ସନ୍ନ୍ୟାସୀ ସମ୍ପ୍ରଦାୟର ସଦସ୍ୟ ଏବଂ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ଐତିହ୍ୟ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସାଂସ୍କୃତିକ ସମ୍ପଦ ଏବଂ ଏହାର ପର୍ଯ୍ୟଟନ ସମ୍ଭାବନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ ଉଲ୍ଲେଖ କରିଛନ୍ତି ଯେ ଏହି ମିଳିତ ସହଯୋଗ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବା ସହିତ ଏହି ଚିରନ୍ତନ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ବୌଦ୍ଧ ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଆନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ ଭାବେ ଗଢ଼ି ତୋଳିବାରେ ଏହି ସହଭାଗିଦାରୀ ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ପରମ୍ପରା ଇତିହାସ, ଦର୍ଶନ ଏବଂ ଜୀବନ୍ତ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ। ସେ କହିଛନ୍ତି ଯେ ଏହି ଭାଗିଦାରୀ କେବଳ ମୂଲ୍ୟବାନ ଐତିହ୍ୟର ସଂରକ୍ଷଣ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତି ସହିତ ଗବେଷଣା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଜନସାଧାରଣଙ୍କ ଗଭୀର ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆନୁଷ୍ଠାନିକ ସହଯୋଗ ମାଧ୍ୟମରେ ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ସେ ମତ ଦେଇଛନ୍ତି ଯେ ଏହି ସହଭାଗିଦାରୀ ଐତିହ୍ୟ ସଂରକ୍ଷଣ, ସାଂସ୍କୃତିକ ସୁରକ୍ଷା ଏବଂ ସ୍ଥାୟୀ ପର୍ଯ୍ୟଟନ ପ୍ରତି ସରକାରଙ୍କ ସମନ୍ୱିତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି।

ଏହି ବୁଝାମଣାପତ୍ର, ଆଧ୍ୟାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ, ବୌଦ୍ଧ ସନ୍ନ୍ୟାସୀ ଆଶ୍ରମ ଜୀବନଶୈଳୀର ଅନୁଭୂତି ଏବଂ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ସମେତ ପ୍ରକୃତ ଆଧ୍ୟାତ୍ମିକ ଏବଂ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ କାର୍ଯ୍ୟକ୍ରମଗୁଡ଼ିକର ବିକାଶ ପାଇଁ ସହଯୋଗର ଏକ ବ୍ୟାପକ ରୂପରେଖ ସ୍ଥାପନ କରୁଛି। ଏହା ସହିତ ଆନ୍ତର୍ଜାତୀୟ ସମ୍ମିଳନୀ, ଗବେଷଣା, ଶିକ୍ଷାଗତ ସହଯୋଗ ଏବଂ ଜ୍ଞାନର ଆଦାନପ୍ରଦାନ ମାଧ୍ୟମରେ ବୌଦ୍ଧ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଏଥିସହ, ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟକଙ୍କ ଉତ୍ତମ ଅନୁଭୂତି ଏବଂ ସ୍ଥାୟୀ ପର୍ଯ୍ୟଟନ ଉପରେ ବିଶେଷ ଗୁରୁତ୍ୱ ଦେଇ ରତ୍ନଗିରି-ଉଦୟଗିରି-ଲଳିତଗିରି-ଜିରାଙ୍ଗ ବୌଦ୍ଧ ସର୍କିଟ୍ କୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ, ତୀର୍ଥଯାତ୍ରା ଏବଂ ସାଂସ୍କୃତିକ ଗନ୍ତବ୍ୟ ସ୍ଥଳ ଭାବରେ ସମନ୍ୱିତ ବିକାଶ କରିବାକୁ ଏହା ସହାୟତା ପ୍ରଦାନ କରୁଛି।

## ୩୦ ଦେୟମୁକ୍ତ 'ଲୁ' ଲୋକାର୍ପଣ କଲା ବିଏମ୍ ସି

ଭୁବନେଶ୍ୱର, ୧୭।୭(ମହାଭାରତ): ରଥଯାତ୍ରା ଅବ୍ୟବହିତ ପୂର୍ବରୁ ଜନ ସାଧାରଣଙ୍କ ନିମନ୍ତେ ୩୦ ଗୋଟି ଦେୟମୁକ୍ତ ଲୁ ବା ପରିଶ୍ରାଗାର ଲୋକାର୍ପଣ କଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) । ରଥଯାତ୍ରା ସମୟରେ ଜନ ସାଧାରଣ ଯେପରି ଖୋଲା ସ୍ଥାନରେ ମଳମୂତ୍ର ତ୍ୟାଗ ନ କରନ୍ତି, ସେଥିପାଇଁ ବିଏମ୍ ସି ପକ୍ଷରୁ ଏହି ସ୍ଥାୟୀ ପଦକ୍ଷେପ ନିଆଯାଇଛି । ଆଜି ଏହି ଉପଲକ୍ଷେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମେୟର ଶ୍ରୀମତୀ ସୁଲୋଚନା ଦାସ କହିଛନ୍ତି ଯେ, ପରିବେଶ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ବିଏମ୍ ସି ସଦାସର୍ବଦା ପ୍ରୟାସ ଜାରି ରଖିଛି ।

ବିଏମ୍ ସି ସମଗ୍ର ସହରର ୩ଗୋଟି ଜୋନରେ ମୋଟ ୨୦୧ଟି 'ଲୁ' ନିର୍ମାଣ କରିବା ପାଇଁ ଯୋଜନା କରିଛି । ସେଥିମଧ୍ୟରୁ ୧୪୩ଟି ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ସଂପ୍ରତି ୧୧୩ଟିରେ କାର୍ଯ୍ୟ ଜାରି ରହିଛି । ନିର୍ମାଣ ହୋଇସାରିଥିବା ଶୌଚାଳୟଗୁଡ଼ିକ ମଧ୍ୟରୁ ୧୧୧ଟି ହେଉଛି ସାମୂହିକ ଶୌଚାଳୟ, ୫୬ଗୋଟି ଗୋଷ୍ଠୀ ଶୌଚାଳୟ, ୧୮ଟି ଇ-ଶୌଚାଳୟ ରହିଛି । ପୂର୍ବରୁ ରହିଥିବା ପୁରୁଣା ଶୌଚାଳୟ ମଧ୍ୟରୁ ୯ଗୋଟି ଶୌଚାଳୟର ନବୀକରଣ କରାଯାଇଛି ଏବଂ ଆହୁରି ୪ଗୋଟି ଶୌଚାଳୟର ନବୀକରଣ କାର୍ଯ୍ୟ ଜାରି ରହିଛି । ରଥଯାତ୍ରା ଆରମ୍ଭ ହୋଇଯାଉଥିବାରୁ 'ଲୁ' ସହିତ ଶୌଚାଳୟଗୁଡ଼ିକୁ ମଧ୍ୟ ପ୍ରସ୍ତୁତ କରାଯାଇଛି ।

# ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା



ଭୁବନେଶ୍ୱର, ୧୭।୭(ମହାଭାରତ): ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଆଜି ସକାଳୁ ବର୍ଷା ଲାଗି ରହିଥିଲେ ମଧ୍ୟ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ପୂର୍ବାହ୍ନରେ ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ସଂପନ୍ନ ହେବା ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା,ସୁଦର୍ଶନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇ ତିନିରଥରେ ରଥାରୁଢ଼ କରାଯାଇଥିଲା। ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ରଥାଟଣା ବେଳକୁ ବର୍ଷା ଛାଡ଼ି ଯାଇଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାକୁ ଲାଗିଥିଲା। ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ପୁରୀ ରଥଯାତ୍ରାର ସମସ୍ତ ନୀତି ନିୟମକୁ ଅନୁସରଣ କରାଯାଇ ଏଠାରେ ମଧ୍ୟ ରଥଯାତ୍ରା ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱକର୍ମା, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ମହାପ୍ରଭୁଙ୍କ ଏହି ଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି।

# ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ପ୍ରୟାସ କରୁଛନ୍ତି ଷଡଯନ୍ତ୍ରକାରୀ : ବିଜେପି

ଭୁବନେଶ୍ୱର,୧୭।୭(ମହାଭାରତ): ଏନ୍ଇପି-୨୦୨୦ ଆଧାରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଠ୍ୟକ୍ରମରେ ନୂତନ ପୁସ୍ତକ ପ୍ରଚଳନ କରାଗଲା । ପାଠ୍ୟ ପୁସ୍ତକରେ ତ୍ରୁଟି ପରିଲକ୍ଷିତ ହେଲା । ପାଠ୍ୟ ପୁସ୍ତକରେ ଥିବା ତଥାକଥିତ ତ୍ରୁଟିରେ ବିରାଟ ଷଡଯନ୍ତ୍ର ଥିବାର ସନ୍ଦେହ ପ୍ରକାଶ ପାଇଥିଲା ଏବଂ ମୁଖ୍ୟମନ୍ତ୍ରୀ, ଉନ୍ନୟନ କମିଶନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ତ୍ରୁଟି ବିଚ୍ୟୁତିର କାରଣ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଲେ । କମିଟିର ରିପୋର୍ଟ ଆଧାରରେ ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଗଲା । ପରେ ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିଲେ । କ୍ରାଇମବ୍ରାଂଚ ଏହି ବିଷୟକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଦେଇଛି । ତଦନ୍ତର ପ୍ରଥମ ପର୍ଯ୍ୟାୟରେ ତତ୍କାଳୀନ ଏସସିଇଆରଟିର ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢୀଙ୍କୁ ଗିରଫ କରି ଜେଲ ପଠାଯାଇଛି । ଷଡଯନ୍ତ୍ରକାରୀ ଯିଏ ବି ହୁଅନ୍ତୁ ନା କାହିଁକି, ଏହି ଘଟଣାରେ ସଂଶ୍ଲିଷ୍ଟ ଥିବା ସମସ୍ତଙ୍କ ଉପରେ ନିଶ୍ଚିତ ଭାବରେ ଦୃଢ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।



ସେ କହିଛନ୍ତି କିଛି ଷଡଯନ୍ତ୍ରକାରୀ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି । 'ସୁପାରୀ ଜର୍ଣ୍ଣାଲିଜମ' କରି ସମଗ୍ର ଜର୍ଣ୍ଣାଲିଜମ ବ୍ୟବସ୍ଥାକୁ ବଦନାମ କରୁଥିବା କିଛି ନିର୍ଦ୍ଦିଷ୍ଟ ସାମ୍ବାଦିକ ଏହି ଷଡଯନ୍ତ୍ରରେ ଅଂଶବିଶେଷ ସାଜିଛନ୍ତି । ଗତ କାଲି ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଭିଡିଓ ଓ ଅଡିଓ କ୍ଲିପରେ ବିରୋଧୀ ଦଳର ଷଡଯନ୍ତ୍ର ସ୍ପଷ୍ଟ ହୋଇଛି । ଏ ସମସ୍ତ ଘଟଣାକୁ ଚାପି ଦେବା ପାଇଁ ତାଙ୍କ ଚ୍ୟାନେଲର ଉମରକୋଟ ସାମ୍ବାଦିକଙ୍କ ଜରିଆରେ ବାର୍ତ୍ତାଳପ ସମୟରେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ପାଂଚ ଲକ୍ଷ ଟଙ୍କା ଯାଚୁଥିବାର ତଥାକଥିତ ଗଣମାଧ୍ୟମର ସଂପାଦକ ଶ୍ରୀ ସୁଧାଂଶୁ ରାଉତ ସିଧାସଳଖ ଅଭିଯୋଗ କରିଥିଲେ । ପରବର୍ତୀ ଘଟଣାକ୍ରମରେ ଉମରକୋଟର ସେହି ସାମ୍ବାଦିକଜଣକ ଫେସବୁକ୍ ଲାଇଭ୍ ରେ ଆସି ସୁଧାଂଶୁ ରାଉତଙ୍କ ଅଭିଯୋଗକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରି ମିଥ୍ୟା ଓ ଅମୂଳକ ବୋଲି କହିଲେ । ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷ ମନ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ ହେଉଥିବା ଷଡଯନ୍ତ୍ରଟି ସେହି ଅଡିଓରୁ ସ୍ପଷ୍ଟ ହୋଇଛି । ଓଡିଶାରେ ଦୀର୍ଘ ସମୟ ଧରି ବିଜୁ ଜନତା ଦଳ ଶାସନ କ୍ଷମତାରେ ଥାଇ ସାଧାରଣ ଜନତାଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହେବା ପରେ ବର୍ତ୍ତମାନ ଅତ୍ୟନ୍ତ ନିମ୍ନ ସ୍ତରକୁ ଖସିଯାଇ ଗଣମାଧ୍ୟମକୁ ଅପବ୍ୟବହାର କରିବାକୁ ମଧ୍ୟ ପଶ୍ଚାଦପଦ ହେଉନାହିଁ । ଏହି ଅବସରରେ ରାଜ୍ୟ ଉପସଭାପତି ଶ୍ରୀ ରମେଶ ଚନ୍ଦ୍ର ସାହୁ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଜଳ ଓ ପରିମଳ ମିଶନର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର, ୧୭।୭(ମହାଭାରତ): ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ "ଓଡ଼ିଶା ଜଳ ଓ ପରିମଳ ମିଶନ" (ଓଡବ୍ଲୁଏସଏମ)ର ୧୯ତମ ପରିଚାଳନା କମିଟି ଏବଂ ଜଳ ଜୀବନ ମିଶନ ରାଜ୍ୟ ଆପକୁ କମିଟିର ବୈଠକ ଗତକାଲି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ୍ ଏନ୍ ଙ୍କ ସମେତ କମିଟିର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।

ବୈଠକରେ ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ ଓଡ଼ିଶା ଜଳ ଓ ପରିମଳ ମିଶନର କାର୍ଯ୍ୟ ଅଗ୍ରଗତି, ପାନୀୟ ଜଳ ସେବାରେ ଗୁଣାତ୍ମକ ଉନ୍ନତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ସଂସ୍କାରମୂଳକ ପଦକ୍ଷେପ ଆଦି ସଂପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

ଜଳ ଜୀବନ ମିଶନ ୨.୦ ଅନ୍ତର୍ଗତ ପାନୀୟ ଜଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ(ମରାମତି) ନୀତି ଏବଂ କେତେକ ସଂସ୍କାରମୂଳକ ପଦକ୍ଷେପ ନେଇ ଆଲୋଚନା କରାଯାଇଛି । ଗ୍ରାମ ଏବଂ ଗ୍ରାମ ପଂଚାୟତ ସ୍ତରରେ ବୈଷୟିକ ସହାୟତା ନେଇ ବ୍ୟବସ୍ଥାର ସୁଦୃଢୀକରଣ, ସଂସ୍ଥାଗତ ବ୍ୟବସ୍ଥାରେ ରୂପାନ୍ତରଣ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଗ୍ରାମ ପଂଚାୟତ ଓ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ମଧ୍ୟରେ ତ୍ରୈପାକ୍ଷିକ ଚୁକ୍ତି, ନାଗରିକ-କୈନ୍ଦ୍ରିକ ଜଳର ଗୁଣବତା ନିରୀକ୍ଷଣ, ଜଳ ଉତ୍ସର ନିରନ୍ତରତା ଓ ଜଳ ନିରାପତା, ସୁଜଳମ୍ ଭାରତ –ଡିଜିଟାଲ ଗଭର୍ଣାନ୍ସ ଏବଂ ଗୋଷ୍ଠୀ ସହଭାଗିତା ତଥା ଜନ ଭାଗିଦାରୀରେ ଜଳ ପରିଚାଳନା ସଂପର୍କରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେଇ ସବିଶେଷ ଆଲୋଚନା କରାଯାଇଛି ।



'ସୁଜଳମ' ଭାରତ ଅଧୀନରେ ଏପର୍ଯ୍ୟନ୍ତ ୯୪ ହଜାରରୁ ଅଧିକ ସୁଜଳ ଗାଁ ଆଇଡି ସୃଷ୍ଟି ହୋଇଥିବା ବେଳେ ଜିଓ-ଟ୍ୟାଗିଂ, ପ୍ରକଳ୍ପ ନିରୀକ୍ଷଣ ମଡ୍ୟୁଲ୍ ଓ କମାଣ୍ଡ ଆଣ୍ଡ କଂଟ୍ରୋଲ୍ ସେଂଟର ସ୍ଥାପନ କାର୍ଯ୍ୟ ଧାର୍ଯ୍ୟ ସମୟ ଆଗାମୀ ଡିସେମ୍ବର ମାସ ସୁଦ୍ଧା ସାରିବାକୁ ନିର୍ଦ୍ଧାରିତ ହୋଇଛି । ହର ଘର ଜଳ କ୍ଷେତ୍ର କର୍ମଚାରୀମାନଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାରେ ମାନବ ସମ୍ବଳର ଆବଶ୍ୟକତା, ଆର୍ଥିକ ନିରନ୍ତରତା, ଗବେଷଣା ଓ ଅଭିନବତ୍ୱ ଅବଲମ୍ବନ ସଂପର୍କରେ ଆଲୋଚନା କରାଯାଇଛି ।

"ହର ଘର ଜଳ" ଯୋଜନାରେ ରାଜ୍ୟରେ ୧୬୭୨୪ଟି ଗାଁକୁ ପାନୀୟ ଜଳ ଯୋଗାଣ କରାଯାଇ ତନ୍ମଧ୍ୟରୁ ଅଦ୍ୟାବଧି ୧୨୪୮୪ଟି ଗ୍ରାମର ଜଳ ଯୋଗାଣକୁ ପ୍ରମାଣିକୃତ କରାଯାଇଛି । ଅବଶିଷ୍ଟ ଆଗାମୀ ଅକ୍ଟୋବର ସୁଦ୍ଧା ଶେଷ କରିବାର ଲକ୍ଷ୍ୟ

## ଏମ୍ସ ଭୁବନେଶ୍ୱର ୧୪ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୭।୭(ମହାଭାରତ): ଏମ୍ସ ଭୁବନେଶ୍ୱର ଏହାର ୧୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରିଛି। ଏହି ଅବସରରେ ଏମ୍ସ ନାଗପୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ପି. ଯୋଶୀ ମୁଖ୍ୟ ଅତିଥି ଏବଂ ଏମ୍ସ ଭୋପାଳ ଅଧ୍ୟକ୍ଷ ତଥା ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଡ. ଯୋଶୀ ଏକ ତୁଳନାତ୍ମକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସମଗ୍ର ଭାରତର ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବେ ଏମ୍ସ ଭୁବନେଶ୍ୱରର ଦ୍ରୁତ ରୂପାନ୍ତରକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦେଶର ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି, ଯାହାର ସଫଳତା ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସମର୍ପିତ ଦଳଗତ କାର୍ଯ୍ୟ ଏବଂ ଗୁଣାତ୍ମକ ରୋଗୀ ସେବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ଶ୍ରେୟ ଦେଇଛି।

## ଇଣ୍ଡିଆନ୍ ଆଇଡଲ୍ ପ୍ରତିଭା ଜ୍ୟୋତିର୍ମୟୀଙ୍କୁ ସିନେକ୍ରିଟିକ୍ ସମ୍ମାନ

ଭୁବନେଶ୍ୱର,୧୭।୭(ମହାଭାରତ); ମର୍ଯ୍ୟାଦାଜନକ ଇଣ୍ଡିଆନ୍ ଆଇଡଲ୍ ସର୍ବଭାରତୀୟ ସଂଗୀତ ପ୍ରତିଯୋଗିତାର ଫାଇନାଲ୍ ସ୍ତରକୁ ଉନ୍ନୀତ ହୋଇ ରାଜ୍ୟ ପାଇଁ ସୁଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ଝିଅ ଜ୍ୟୋର୍ତିମୟୀ ନାୟକଙ୍କୁ 'ସିନେ କ୍ରିଟିକ୍ ସମ୍ମାନ-୨୦୨୬' ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ଓଡ଼ିଶା 'ସିନେକ୍ରିଟିକ୍ ଆସୋସିଏସନ୍', 'ମହାବୋଧି ସୋସାଇଟି ପବ୍ଲିକ୍ ସ୍କୁଲ୍ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଜ୍ୟୋର୍ତିମୟୀଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିନେକ୍ରିଟିକ୍ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ ମହାପାତ୍ର, ମୁ ସିଂହ ସଂଯୋଜନା କରିଥିଲେ ।

# ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

ଭୁବନେଶ୍ୱର,୧୭।୭(ମହାଭାରତ);ଓଡ଼ିଶାକୁ ସାରା ଦେଶରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହ ପାଳନ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି।

ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ମନ୍ତ୍ରୀ ଓଡ଼ିଶାର ସଫଳ ଯୁବପିଢ଼ିଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ, ଆପଣଙ୍କ ଦକ୍ଷତା ହେଉଛି ଭାରତର ଶକ୍ତି, ଆପଣଙ୍କ ସଫଳତା ହେଉଛି ଭାରତର ଗର୍ବ। ବର୍ତ୍ତମାନ ସମୟରେ ଆଡଭାନ୍ସଡ ମାନୁଫାକ୍ଚରିଂ, ଡିଜିଟାଲ ଟେକ୍ନୋଲୋଜି, ଗ୍ରୀନ ଇକୋନୋମି ଏବଂ ସେବା କ୍ଷେତ୍ରରେ ମିଳୁଥିବା ନୂଆ ନୂଆ ସୁଯୋଗର ଫାଇଦା ନେବା ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଦରକାର। ଏଥିପାଇଁ ସେମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପସ୍କିଲିଂ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କାରଣ ଆଜିର ଦକ୍ଷତା କାଲିର ନେତୃତ୍ୱ ସୃଷ୍ଟି କରିବ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ବଡ଼ ସ୍ୱପ୍ନ ଦେଖ, ଦକ୍ଷତା ବଢାଅ।

ପ୍ରତିବର୍ଷ ଜୁଲାଇ ୧୫ ତାରିଖରେ ବିଶ୍ୱବ୍ୟାପୀ 'ବିଶ୍ୱ ଯୁବ ଦକ୍ଷତା ଦିବସ' ପାଳନ କରାଯାଏ। ଚଳିତ ବର୍ଷର ଥିମ୍ ରହିଛି "ସ୍କିଲସ୍ ଫର ଏ ସେୟାରଡ୍ ଫ୍ୟୁଚର । ଏଥିରେ ଦ୍ରୁତ ଗତିରେ ବଦଳୁଥିବା ଦୁନିଆରେ ସଫଳତା ହାସଲ କରିବା ପାଇଁ ଯୁବପିଢ଼ିଙ୍କୁ ଟେକ୍ନିକାଲ୍, ଡିଜିଟାଲ୍, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ , ଗ୍ରୀନ୍, ସୋସିଓ-ଇମୋସନାଲ ଏବଂ ସିଭିକ ସ୍କିଲ ସହିତ ସନ୍ତୁଳିତ ଯୋଗ୍ୟତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି।

ଇଣ୍ଡିଆସ୍କିଲ୍ସ ପ୍ରତିଯୋଗିତା ୨୦୨୫-୨୬ର ମୋଟ୍ ୬୨ଜଣ ପଦକ ବିଜେତାଙ୍କୁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର'ରେ ସମ୍ମାନିତ କରାଯାଇଛି। (ଏହି ପୁରସ୍କାର ବାବଦକୁ ସ୍ୱର୍ଣ୍ଣ ପଦକ ପାଇଁ ?୨.୦୦ ଲକ୍ଷ, ରୌପ୍ୟ ପଦକ ପାଇଁ ?୧.୦୦ ଲକ୍ଷ, ବ୍ରୋଞ୍ଜ ପଦକ ପାଇଁ ?୫୦,୦୦୦ ଏବଂ ମେଡାଲିଅନ୍ ଅଫ୍ ଏକ୍ସଲେନ୍ସ ପାଇଁ ?୨୫,୦୦୦ ପ୍ରଦାନ କରାଯାଇଛି)। ଦେଶରେ ସବୁଠାରୁ ଅଧିକ ପଦକ ଜିତି ଓଡ଼ିଶା, ଇଣ୍ଡିଆସ୍କିଲ୍ସ ୨୦୨୫-୨୬ ରେ 'ନ୍ୟାସନାଲ ସ୍କିଲ୍ ଚାମ୍ପିଅନ୍' ହୋଇଛି। ଏହା ରାଜ୍ୟର ମଜବୁତ୍ ଦକ୍ଷତା ବିକାଶ ବ୍ୟବସ୍ଥା ଏବଂ ଯୁବପିଢ଼ିଙ୍କ ଉତ୍କୃଷ୍ଟ ପ୍ରତିଭାକୁ ଦର୍ଶାଉଛି।

ଏହି କାର୍ଯ୍ୟକ୍ରମ ଅବସରରେ, 'ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍' (ସିଏମଏସଡିଏଫ୍) କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ର ଫେଲୋମାନଙ୍କୁ ସେମାନଙ୍କର ଦୁଇ ବର୍ଷର ଫେଲୋସିପ୍ ସଫଳତାର ସହ ଶେଷ କରିବା ପାଇଁ ସମ୍ମାନିତ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୨୪ ମସିହାରେ ଆରମ୍ଭ ହୋଇଥିବା ଏହି ଚ କାର୍ଯ୍ୟକ୍ରମ ରାଜ୍ୟର ତୃଣମୂଳସ୍ତରରେ ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିଛି। ଏହି କାର୍ଯ୍ୟକ୍ରମର ପ୍ରତିଷ୍ଠାନିକ ସହଯୋଗୀ 'ଟାଟା ଷ୍ଟ୍ରାଇଭ୍' ଏବଂ 'ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍'କୁ ମଧ୍ୟ ସେମାନଙ୍କର ମାର୍ଗଦର୍ଶନ ଏବଂ ସହଯୋଗ ପାଇଁ ସମ୍ମାନିତ କରାଯାଇଥିଲା।

ଏହି ଉତ୍ସବ ଅବସରରେ ଶିଳ୍ପ ଜଗତ ସହ ସମ୍ପର୍କକୁ ଅଧିକ ମଜବୁତ୍ କରିବା, ତାଲିମର ଗୁଣବତ୍ତା ବଢ଼ାଇବା ଏବଂ ଛାତ୍ରଛାତ୍ରୀ ଓ ଦକ୍ଷ ଯୁବପିଢ଼ିଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ସହଯୋଗୀ ସଂସ୍ଥାଙ୍କ ସହ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ଟିସିଏସ୍ ଆଇଓନ୍ , ଏଜୁନେଟ୍ ଫାଉଣ୍ଡେସନ , ଟିଏନ୍ ଅଟୋ , ଆଇଏସ୍ ?ଆଇଇ ଇଣ୍ଡିଆ , ଆବିକୋର୍ ବିଞ୍ଜେଲ୍ ଏବଂ ଯୁଡିଜ୍ ସଲ୍ୟୁସନ୍ସ ପ୍ରମୁଖ ସାମିଲ ରହିଛନ୍ତି।

## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବୈଜୟନ୍ତ

ନୂଆଦିଲ୍ଲୀ/ଭୁବନେଶ୍ୱର୧୭।୭(ମହାଭାରତ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପ-ସଭାପତି ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲାର ଜୀବନରେଖା କୁହାଯାଉଥିବା ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପର ଦ୍ୱିତୀୟ ରେଳ ଲାଇନ ପାଇଁ ଦେଇଥିବା ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏନେଇ ଶ୍ରୀ ପଣ୍ଡା ୩୦.୦୮.୨୦୨୪ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଜରିଆରେ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୯୯୬ ମସିହାରେ ପୂର୍ବ-ତଟ ରେଳର ଅଂଶ ଭାବେ ୮୨.୫ କି.ମି. ଦୀର୍ଘ ହରିଦାସପୁର-ପାରାଦୀପ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା ୧୯୯୯ ମସିହାରେ ତତ୍କାଳୀନ ରେଳ ମନ୍ତ୍ରୀ ନୀତିଶ କୁମାର ମାର୍ଶାଘାଇଠାରେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଓ ୨୦୦୪ ସୁଦ୍ଧା ଏହା ଶେଷ ହେବ ବୋଲି ପ୍ରତିଶୃତି ଦେଇଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିଲା ଓ କାଗଜକଲମରେ ଅଟକି ଯାଇଥିଲା। ଶ୍ରୀଯୁକ୍ତ ପଣ୍ଡା ୨୦୦୯ରେ କେନ୍ଦ୍ରାପଡାରୁ ନିର୍ବାଚିତ ହେବା ପରେ ନିରନ୍ତର ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ନିୟମିତ ଯୋଗାଯୋଗ ରକ୍ଷା କରିବା ସହ ଅଧିକାରୀମାନଙ୍କ ସହ ସମୀକ୍ଷା କରି କାର୍ଯ୍ୟକୁ ଆଗେଇ ନେଇଥିଲେ।

# ସିଆଇଆଇ ପକ୍ଷରୁ ଯୁବ ଭାରତୀୟ ସଂସଦ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୭।୭(ମହାଭାରତ);ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ଯୁବ ଭାରତୀୟଙ୍କୁ ଯୁବ ଭାରତୀୟ ସଂସଦ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିବା ପାଇଁ ଶିକ୍ଷା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ୮ଟି ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଓଡ଼ିଶା ବିଧାନସଭାର ଏକ ଗୌରବମୟ ଐତିହ୍ୟ ଓ ପରମ୍ପରା ରହିଛି । ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର । ଏହାର ଗରିମା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ । ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠ୍ୟକ୍ରମରେ ବିଧାନସଭା ଓ ସଂସଦର କାର୍ଯ୍ୟ, ଧାରା ଓ ପରିସର ସମ୍ପର୍କିତ ଜ୍ଞାନ ଆହରଣ କରୁଥିଲେ ମଧ୍ୟ ଏଭଳି ଶିକ୍ଷାବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ବିଷଦ ଭାବେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ ।

ଆଜିର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମିଲ ହୋଇ ଦେଶ ଓ ଜାତି ଗଠନରେ ଅବଦାନ ରଖିବା ପାଇଁ ସ୍ୱତସ୍ପୁର୍ତ ଭାବେ ଆଗେଇ ଆସିବା ଉଚିତ । ନିଜକୁ ଜଣେ ଜଣେ ସୁନାଗରିକ ଭାବେ ପରିବର୍ତନ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସମୃଦ୍ଧ ଓ ଗରୀୟାନ୍ କରିବା କ୍ଷେତ୍ରରେ ଯୋଗଦାନ ଦେବା ଉଚିତ । ତା'ହେଲେ ଯାଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବ । ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଧାନସଭାର କାର୍ଯ୍ୟଧାରା ଓ କାର୍ଯ୍ୟକଳାପ ଓ ଏହାର ବ୍ୟାପକ ପରିସର ସମ୍ପର୍କରେ ଅବଗତ କରାଇଥିଲେ ।

ଏହି ଅବସରରେ ବିଧାନସଭାର ମୁଖ୍ୟ ନିରାପତା ଅଧିକାରୀ ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ଥିବାବେଳେ ବରିଷ୍ଠ ଗବେଷଣା ଅଧିକାରୀ ପ୍ରଦୀପ କୁମାର କୁଲୁ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ମଦର୍ସ ପବ୍ଲିକ୍ ସ୍କୁଲ, ଡିପିଏସ୍ କଳିଙ୍ଗ, ଓଡ଼ିଏମ୍ ପବ୍ଲିକ୍ ସ୍କୁଲ, ନ୍ୟୁ ଷ୍ଟ୍ୟୁଆର୍ଟ ସ୍କୁଲ, ନାଳନ୍ଦା ପବ୍ଲିକ୍ ସ୍କୁଲ, ଡିପିଏସ୍ ଢେଙ୍କାନାଳ, କେଟି ଗ୍ଲୋବାଲ ସ୍କୁଲ ଓ ଲୟୋଲା ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।


ମହାଭାରତ

ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ






# ରଥଯାତ୍ରା ଅଘଟଣ

ଶୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବଳ ଏକ ପର୍ବ ନୁହେଁ, ବରଂ ଏହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଭାବପ୍ରବଣତା, ଆଧ୍ୟାତ୍ମିକତା ଏବଂ ଗଭୀର ବିଶ୍ୱାସର ଏକ ମହାକୁମ୍ଭ ହୋଇଥିବାବେଳେ ପ୍ରତିବର୍ଷ ଏହି ମହାପାବନ ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଏବଂ ରଥଦଉଡି ଟିକିଏ ଛୁଇଁ ନିଜ ଜୀବନକୁ ଧନ୍ୟ କରିବା ପାଇଁ ପୁରୀ ବଡଦାଣ୍ଡରେ ଲକ୍ଷ ଲକ୍ଷ ଜନସମୁଦ୍ରର ଜୁଆର ଛୁଟିଥାଏ ଏବଂ ଏଭଳି ଏକ ଅଭୁତପୂର୍ବ ତଥା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥିତିରେ ପ୍ରଶାସନ ପକ୍ଷରୁ ସବୁ ପ୍ରକାରର ବ୍ୟବସ୍ଥା ଓ ସୁରକ୍ଷା ଯୋଗାଇ ଦିଆଯାଉଥିଲେ ମଧ୍ୟ କିଛି ଆକସ୍ମିକ ଘଟଣା ବା ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଏଡାଇବା ମାନବୀୟ ଶକ୍ତି ବାହାରେ ହୋଇପଡୁଥିବାରୁ ନିକଟରେ ରଥଯାତ୍ରା ସମୟରେ ଜଣେ ଶ୍ରଦ୍ଧାଳୁଙ୍କର ଅତ୍ୟଧିକ ଭିଡ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ଏହି ସମ୍ବେଦନଶୀଳ ବିଷୟକୁ ନେଇ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ମହିଳା ନେତ୍ର ସରକାର ଏବଂ ପ୍ରଶାସନକୁ ସବୁବେଳେ ବଦନାମ କରିବା ପାଇଁ ଏକ ସୁଯୋଗ ଭାବେ ବ୍ୟବହାର କରୁଥିବା ଦେଖାଯାଉଛି ଯାହାର ବାସ୍ତବରେ କୌଣସି ଯୁକ୍ତିଯୁକ୍ତି ମୂଲ୍ୟ ନାହିଁ। ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ରଥଯାତ୍ରା ଭଳି ଏକ ବିଶାଳ ଜନସମାଗମରେ ଯଦି କୌଣସି ଦୁର୍ଭାଗ୍ୟଜନକ ଦୁର୍ଘଟଣା ଘଟେ ତେବେ ତାହା ପାଇଁ ସରକାର ବା ପ୍ରଶାସନକୁ ସିଧାସଳଖ ଦାୟୀ କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅଯୌକ୍ତିକ ହୋଇଥିବାବେଳେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯିଏ ମଲେ ସରକାର କଣ ତାଙ୍କୁ ମାରି ଦେଲେ, ଯାହାର ଉତର ନିଶ୍ଚିତ ଭାବରେ ନା ଅଟେ କାରଣ ଶ୍ରଦ୍ଧାଳୁ ଜଣକ ବହୁତ ଭିଡ ଭିତରେ ରହିଯିବା ଏବଂ ଗରମ ତଥା ଉତେଜନା ଯୋଗୁଁ ଶ୍ୱାସ ରୁଦ୍ଧ ହେବା ହେତୁ ମୃତ୍ୟୁବରଣ କରିଛନ୍ତି ଯାହା ଏକ ପ୍ରାକୃତିକ ଓ ଆକସ୍ମିକ ସ୍ୱାସ୍ଥ୍ୟଗତ ସମସ୍ୟା ମାତ୍ର ଏବଂ ଏହା ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କ ସହ ଘଟିପାରେ। ସରକାର କିମ୍ବା ପୋଲିସ ପ୍ରଶାସନ କେବେହେଲେ ଚାହାଁନ୍ତି ନାହିଁ ଯେ ଜଣେ ବି ଶ୍ରଦ୍ଧାଳୁ ସାମାନ୍ୟ ଆହତ ହୁଅନ୍ତୁ ବରଂ ପ୍ରଶାସନ ଦିନରାତି ଏକ କରି ଲୋକଙ୍କ ସେବା ଓ ସୁରକ୍ଷାରେ ନିୟୋଜିତ ଥାଏ ଯେଉଁଥିପାଇଁ ପ୍ରତିବର୍ଷ ଓଡିଶା ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯାଇ ଶହ ଶହ ଅସ୍ଥାୟୀ ଶିବିର ପ୍ରତିଷ୍ଠା କରାଯାଏ, ଅତ୍ୟଧିକ ଗରମ ଓ ଗୁଳୁଗୁଳିରୁ ରକ୍ଷା କରିବା ପାଇଁ ଶ୍ରଦ୍ଧାଳୁଙ୍କ ଉପରକୁ ଥଣ୍ଡା ପାଣି ସ୍ପ୍ରେ କରାଯାଏ, ମାଗଣାରେ ଓଆରଏସ୍ ପାଣି ବଂଟନ କରାଯାଏ ଏବଂ ଜରୁରୀକାଳୀନ ସେବା ପାଇଁ ଗ୍ରୀନ୍ କରିଡର ସହ ବାଇକ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ରଖାଯାଇଥାଏ। ଏତେ ସବୁ ବ୍ୟବସ୍ଥା ସତ୍ୱେ ଯଦି କୌଣସି ଶ୍ରଦ୍ଧାଳୁଙ୍କର ପୂର୍ବରୁ ଥିବା କୌଣସି ରୋଗ ଯେପରିକି ହୃଦରୋଗ କିମ୍ବା ଆଜ୍ମା ଯୋଗୁଁ ଅଚାନକ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଏ ତେବେ ସେଥିରେ ସରକାରଙ୍କର କୌଣସି ଅବହେଳା ନଥାଏ ଏବଂ ରାଜନୈତିକ ଫାଇଦା ପାଇଁ ସରକାରଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତିମାନଙ୍କୁ ଗତ ୨୪ବର୍ଷ କିମ୍ବା ତା'ଠାରୁ ଅଧିକ ସମୟର ରଥଯାତ୍ରା ଇତିହାସ ବିଷୟରେ ଜଣାଇବା ଉଚିତ ଯେ ଅତୀତରେ ମଧ୍ୟ ରଥଯାତ୍ରା ସମୟରେ ଅତ୍ୟଧିକ ଗହଳି ଯୋଗୁଁ ଅନେକ ଥର ଶ୍ରଦ୍ଧାଳୁମାନଙ୍କର ଶ୍ୱାସରୁଦ୍ଧ ହୋଇ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ଘଟିଛି, ତେଣୁ କଣ ୨୪ବର୍ଷ ଭିତରେ କେହି ଆଉ ରଥ ସମୟରେ ମରିନାହାଁନ୍ତି ବୋଲି ପ୍ରଶ୍ନ କରିବା ସହ ଏଭଳି ଦୁଃଖଦ ଘଟଣା ପୂର୍ବ ସରକାର ଅମଳରେ ବି ଅନେକ ବାର ଘଟିଥିବାବେଳେ ସେତେବେଳେ ଏହାକୁ ନେଇ ଏଭଳି ସ୍ତରର ସସ୍ତା ରାଜନୀତି କରାଯାଉ ନଥିଲା କାରଣ ମୃତ୍ୟୁ ଏକ ଅପ୍ରିୟ ସତ୍ୟ ଏବଂ ଏଭଳି ମହାସମାଗମରେ ଆକସ୍ମିକ ମୃତ୍ୟୁକୁ ସମ୍ପୂର୍ଣ୍ଣ ରୂପେ ଶୂନ୍ୟ କରିବା କୌଣସି ବି ଶାସନ କଳ ପାଇଁ ସମ୍ଭବପର ନୁହେଁ। ସମାଜରେ କିଛି ନିର୍ଦ୍ଦିଷ୍ଟ ଲୋକ ଅଛନ୍ତି, ଯେଉଁମାନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ସରକାରଙ୍କର ସବୁ ଭଲ କାମକୁ ନେଗେଟିଭ ଆଲୋକରେ ଦେଖାଇବା ଏବଂ ସେମାନେ କେବଳ ସରକାରଙ୍କୁ ସବୁବେଳେ ବଦନାମ କରିବା ପାଇଁ ଗୋଟିଏ ଗୋଟିଏ ବାଟ ଖୋଜୁଥାନ୍ତି ଯାହାର ସମାଜରେ କୌଣସି ମୂଲ୍ୟ ନାହିଁ କାରଣ ଓଡିଶାର ଜନସାଧାରଣ ବହୁତ ସଚେତନ ଏବଂ ସେମାନେ ଜାଣନ୍ତି ଯେ ସରକାର କେତେ ନିଷ୍ଠାର ସହିତ ରଥଯାତ୍ରାର ପରିଚାଳନା କରୁଛନ୍ତି । ଜଗନ୍ନାଥ ସଂସ୍କୃତି ଏବଂ ସନାତନ ଧର୍ମରେ ଏକ ଗଭୀର ବିଶ୍ୱାସ ରହିଛି ଯେ ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଶ୍ରୀକ୍ଷେତ୍ର ପୁରୀରେ ବା ପ୍ରଭୁଙ୍କ ରଥ ସାମ୍ନାରେ ହୁଏ ତେବେ ସେ ସିଧାସଳଖ ମୋକ୍ଷ ପ୍ରାପ୍ତ ହୁଏ ଏବଂ ବେଳେ ବେଳେ କିଛି ଭକ୍ତ ଓ ଶ୍ରଦ୍ଧାଳୁ ମନେ ମନେ ଚାହାଁନ୍ତି ଓ ପ୍ରାର୍ଥନା କରନ୍ତି ଯେ ପ୍ରଭୁଙ୍କ ପାଖରେ କେମିତି ମୋ ଜୀବନଟା ଚାଲି ଯାଆନ୍ତା କି, ତେଣୁ ଭକ୍ତର ଏହି ଆଧ୍ୟାତ୍ମିକ ଭାବନାକୁ କୌଣସି ଆଧୁନିକ ନିୟମ ବା ରାଜନୀତି ବୁଝିପାରିବ ନାହିଁ ଏବଂ ଯେଉଁ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି ତାହା ହେଉଛି ଭଗବାନଙ୍କ ଇଚ୍ଛା ଓ ସେହି ପବିତ୍ର ସ୍ଥଳରେ ପ୍ରାଣତ୍ୟାଗ କରି ସେ ନିଶ୍ଚିତ ଭାବରେ ସଂସାରରୁ ମୁକ୍ତି ପାଇଛନ୍ତି ଯାହାକୁ ଏକ ଅପରାଧ ଭାବେ ଉପସ୍ଥାପନ କରି ସରକାରଙ୍କୁ ଦୋଷ ଦେବା ସେହି ମୃତ ଶ୍ରଦ୍ଧାଳୁଙ୍କ ଆତ୍ମା ପ୍ରତି ଏବଂ ଜଗନ୍ନାଥ ସଂସ୍କୃତିର ବିଶ୍ୱାସ ପ୍ରତି ଏକ ଅପମାନ ହୋଇଥିବାରୁ ଏହି ଦୁଃଖଦାୟକ ଘଟଣା ପାଇଁ ସରକାରଙ୍କୁ ଦାୟୀ କରିବା ସମ୍ପୂର୍ଣ୍ଣ ରୂପେ ଭିତିହୀନ ଅଟେ ଏବଂ ସରକାର ଓ ପ୍ରଶାସନ ସର୍ବଦା ଶ୍ରଦ୍ଧାଳୁମାନଙ୍କ ସେବା ଓ ସୁରକ୍ଷା ପାଇଁ ପ୍ରତିବଦ୍ଧ ଥିବାରୁ ସେମାନଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ ଅଟେ, ତେଣୁ ଯେଉଁମାନେ ଏହାକୁ ନେଇ କେବଳ ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କର କଥାକୁ ଗୁରୁତ୍ୱ ନଦେଇ ଆମକୁ ବାସ୍ତବତା ଏବଂ ଭକ୍ତର ଆଧ୍ୟାତ୍ମିକ ବିଶ୍ୱାସକୁ ସମ୍ମାନ ଦେବା ଉଚିତ। ଜଗନ୍ନାଥ ସଂସ୍କୃତି ଏବଂ ସନାତନ ଧର୍ମରେ ଏକ ଗଭୀର ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଶ୍ରୀକ୍ଷେତ୍ର ପୁରୀରେ ବା ପ୍ରଭୁଙ୍କ ରଥ ସାମ୍ନାରେ ହୁଏ, ତେବେ ସେ ସିଧାସଳଖ ମୋକ୍ଷ ପ୍ରାପ୍ତ ହୁଏ। ବେଳେ ବେଳେ କିଛି ଭକ୍ତ ଓ ଶ୍ରଦ୍ଧାଳୁ ମନେ ମନେ ଚାହାଁନ୍ତି ଏବଂ ପ୍ରାର୍ଥନା କରନ୍ତି ଯେ – ପ୍ରଭୁଙ୍କ ପାଖରେ କେମିତି ମୋ ଜୀବନଟା ଚାଲି ଯାଆନ୍ତା କି !। ବୟସ୍କ ଏବଂ ପରମ ଜଗନ୍ନାଥ ପ୍ରେମୀମାନେ ବଡଦାଣ୍ଡକୁ କେବଳ ବୁଲିବାକୁ ଆସନ୍ତି ନାହିଁ, ସେମାନେ ପ୍ରଭୁଙ୍କ ଶରଣାଗତ ହେବାକୁ ଆସନ୍ତି। ଭକ୍ତର ଏହି ଆଧ୍ୟାତ୍ମିକ ଭାବନାକୁ କୌଣସି ଆଧୁନିକ ନିୟମ ବା ରାଜନୀତି ବୁଝିପାରିବେ ନାହିଁ। ଯେଉଁ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି, ତାହା ହେଉଛି ଭଗବାନଙ୍କ ଇଚ୍ଛା ଏବଂ ସେହି ପବିତ୍ର ସ୍ଥଳରେ ପ୍ରାଣତ୍ୟାଗ କରି ସେ ନିଶ୍ଚିତ ଭାବରେ ସଂସାରରୁ ମୁକ୍ତି ପାଇଛନ୍ତି।

# ସକଳ ଧର୍ମ ଚେତନାରେ ମହାପ୍ରଭୁ

## ବିକ୍ରମ ମହାପାତ୍ର

ବିଶ୍ୱବିଶ୍ରୁତ ଜଗନ୍ନାଥ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ, ଧାମର ପ୍ରାଚୀନତା ମୂର୍ତ୍ତିତତ୍ତ୍ୱ, ସେମାନଙ୍କର ଅବସ୍ଥିତ – ସର୍ବୋପରି ବିବିଧ ଯାତ୍ରା, ସକଳ ବିଷୟ ରହସ୍ୟାବୃତ। ସାଧାରଣ ବ୍ୟକ୍ତି ପକ୍ଷରେ ଏହାର ସୂକ୍ଷ୍ମାତିସୂକ୍ଷ୍ମ ଦର୍ଶନର ପରିଚୟ ପାଇବା ଏକ ଦୁରୂହ ବ୍ୟାପାର। ବେଦ ଉପନିଷଦ ଓ ସଂହିତାଦି ଶାସ୍ତ୍ରରେ ଏ ଧାମର ପବିତ୍ରତା ତଥା ପ୍ରାଚୀନତା ସମ୍ବନ୍ଧରେ ସଂକେତମାନ ରହିଛି। ଋକବେଦୀୟ ୧୦ମ ମଣ୍ଡଳର 'ଅଦୋ ଯଦ୍ଦାରୁ ପ୍ଲବତେ' ଶୀର୍ଷକ ସୂକ୍ତକୁ ପ୍ରସିଦ୍ଧ ବେଦର ଭାଷ୍ୟକର ଆଚାର୍ଯ୍ୟ ସାୟନ ପୁରୀ ଧାମର ଆରାଧ୍ୟ ଦେବତା ପୁରୁଷୋତ୍ତମ ଅର୍ଥରେ ହିଁ ଗ୍ରହଣ କରିଅଛନ୍ତି। ଅଥର୍ବ ବେଦରେ ପୁଣି ସେହି ମନ୍ତ୍ର ସାମାନ୍ୟ ପରିବର୍ତ୍ତନ ସହ ଲିପିବଦ୍ଧ ହୋଇଅଛି। 'ସାକ୍ଷାତ ବୈକୁଣ୍ଠରୂପଂ ତତକ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ, କ୍ଷେତ୍ରାଣାମ୍ ଅପି କ୍ଷେତ୍ରଂ ଚ ତୀଥନାମପି, ଯଦବରମ୍।' ଯୁଗେ ଯୁଗେ ପାବକତ୍ୱର ମହାମହିମାରେ ଶ୍ରୀକ୍ଷେତ୍ର ତୀର୍ଥରାଜର ଗୌରବ ଲାଭ କରିଛି। କାରଣ ଏ କ୍ଷେତ୍ର ଦେବ ଦୁର୍ଲ୍ଲଭ, ସମସ୍ତ ତୀର୍ଥର ମୌଳିକତା

ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରକଟିତ। ଏହା କେବଳ ସମ୍ଭବ ହୋଇଛି ତୀର୍ଥ ଶିରୋମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ। ତେଣୁ ଭାଗବତକାର ଯଥାର୍ଥରେ କହିଛନ୍ତି – 'ସକଳ ତୀର୍ଥ ଘେନି କରି, ନୀଳ କନ୍ଦରେ ବିଜେ ହରି।' ଜଗନ୍ନାଥ ମହାପ୍ରଭୁ ସମଗ୍ର ହିନ୍ଦୁ ସନାତନ ଜଗତର ପରମାରାଧ୍ୟ ଦେବତା ଓ ଅବତାରୀ ପୁରୁଷର ସାର୍ଥକ ବିଗ୍ରହ। ସେ ସର୍ବଧର୍ମ ମତବାଦ ସମନ୍ୱୟର ମହାନ ପ୍ରତୀକ। ସେ ଦାରୁଦେବତା ସେ ସନ୍ଥ ତୁଳସୀ ଦାସଙ୍କ ନୟନାଭିରାମ, ସେ ବୈଷ୍ଣବୀୟ ଦର୍ଶନରେ ବୃନ୍ଦାବନ ଚନ୍ଦ୍ରେଶ୍ୱର ଶ୍ରୀକୃଷ୍ଣ ଓ ରସବତୀ ରାଧିକାଙ୍କ ଘନଯୁଗଳ ବିଗ୍ରହ। ଶୈବ ବିଚାରରେ ସେ ଶିବ ବା ଭୈରବ। ଶାକ୍ତ ମତରେ ସେ ହେଉଛନ୍ତି ଗଣେଶ, ଜୀବ ମାନଙ୍କର ଜୀବନାଥ। ଏଣୁ ତାଙ୍କର ତତ୍ତ୍ୱ ରୂପ ଓ ଦର୍ଶନ ମାନବ ଚିନ୍ତା ଓ ଚେତନାର ବହୁ ଊର୍ଦ୍ଧ୍ୱରେ।

ପ୍ରତିବର୍ଷ ଆନ୍ଧ୍ରପ୍ରଦେଶର ପବିତ୍ର ତୀର୍ଥକ୍ଷେତ୍ର ତିରୁପତିଠାରେ ନୀଳାଦ୍ରୀରେ ଜଗନ୍ନାଥଙ୍କର ରଥୋତ୍ସବ ଭଳି ଶେଷାଦ୍ରିରେ ପ୍ରଭୁ ଭେଙ୍କଟନାଥଙ୍କର ମଧ୍ୟ ବ୍ରହ୍ମୋତ୍ସବ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ଏବଂ ତାଙ୍କ ମନ୍ଦିରର ଉତ୍ପତ୍ତି, କ୍ରମବିକାଶ, ନିର୍ମାଣବିଧି, ପୂଜାପର୍ବାଣ, ମହୋତ୍ସବ, ଦୈନନ୍ଦିନ ନୀତି, କ୍ଷେତ୍ର ମାହାତ୍ମ୍ୟ ଇତ୍ୟାଦି ବିଷୟରେ ଅନେକ ଉପାଖ୍ୟାନ ଯେଭଳି ଅନେକ ପୁରାଣ ଯଥା ସ୍କନ୍ଦ, ନୀଳାଦ୍ରି ମହୋତ୍ସବ, ପଦ୍ମ, ବାମଦେବ ସଂହିତା ପ୍ରଭୃତିରୁ ମିଳିଥାଏ, ଠିକ ସେହିଭଳି ପ୍ରଭୁ ଙ୍କେଟେଶ ତଥା ଭେଙ୍କଟାଚଳ ବା ଶେଷାଚଳଙ୍କର ଆବିର୍ଭାବ, ମାହାତ୍ମ୍ୟ, ଯାନିଯାତ୍ରା ବିଷୟରେ ସ୍କନ୍ଦ, ପଦ୍ମ ପ୍ରଭୃତି ବିଭିନ୍ନ ପୁରାଣରୁ ସମ୍ୟକ ସୂଚନା ମିଳିଥାଏ। ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରେ ଏହାର ପ୍ରତିଷ୍ଠା କାର୍ଯ୍ୟ ଯେଭଳି ଭଗବାନ ବ୍ରହ୍ମା ସ୍ୱୟଂ ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଠିକ ସେହିଭଳି ଶେଷାଚଳ ବା ଭେଙ୍କଟେଶଙ୍କର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ସଂପାଦନ କରି ତାଙ୍କର ନବଦିନ ବ୍ୟାପୀ ରଥଯାତ୍ରାର ପ୍ରବର୍ତ୍ତନ କରାଇଥିଲେ, ଯାହାକି, ଆଜି 'ବ୍ରହ୍ମୋତ୍ସବ' ବୋଲି କୁହାଯାଏ। ଏ ସଂପର୍କରେ ପ୍ରଫେସର ହରେକୃଷ୍ଣ ଶତପଥୀ ଯାହା କହନ୍ତି।

ଜଗନ୍ନାଥଙ୍କର ରଥୋତ୍ସବ ଏକ ପର୍ବତ ନୀଳାଚଳ ବା ନୀଳାଦ୍ରିରେ ଯେଭଳି ଅନୁଷ୍ଠିତ ହୋଇଥାଏ, ଠିକ୍ ସେହିଭଳି ପ୍ରଭୁ ଭେଙ୍କଟନାଥଙ୍କର ରଥଯାତ୍ରା ମଧ୍ୟ ବ୍ରହ୍ମୋତ୍ସବ ନାମରେ ଅନ୍ୟ ଏକ ପବିତ୍ର ପର୍ବତ ତାମିଲ ଭାଷାରେ ତିରୁମଲ୍ଲ ତିରୁ ଅର୍ଥ ଶ୍ରୀ ମଲ୍ଲଅର୍ଥ ପର୍ବତ। ଶେଷାଚଳ ବା ଶେଷାଦ୍ରିରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କ ରଥୋତ୍ସବ ଯେଭଳି ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ ଠିକ୍ ସେହିଭଳି ବ୍ରହ୍ମୋତ୍ସବ ମଧ୍ୟ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ପୌରାଣିକ ଆଖ୍ୟାନ ଅନୁସାରେ ରଥଯାତ୍ରାର ପ୍ରବର୍ତ୍ତକ ଯେଉଁଭଳି ସ୍ୱୟଂ ବ୍ରହ୍ମା, ଠିକ ସେହିଭଳି ବ୍ରହ୍ମୋତ୍ସବର ଆଦିମ ପ୍ରବର୍ତ୍ତକ ମଧ୍ୟ ସ୍ୱୟଂ ବ୍ରହ୍ମା। ଏଠାରେ ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ତିରୁପତି କ୍ଷେତ୍ର ବହୁତ ଦିନ ଧରି ତାମିଲନାଡୁର ଏକ ଅଂଶବିଶେଷ ଭାବରେ ରହିଥିଲା ଏବଂ ୧୯୫୬ ମସିହାରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ପରେ ଏହାକୁ ଆନ୍ଧ୍ରରେ ମିଶାଇ ଦିଆଯାଇଥିଲା। ତେଣୁ ମନ୍ଦିରର ପୂଜା ପଦ୍ଧତି, ସଂସ୍କୃତି ଓ ପରମ୍ପରା ତଥା ତିରୁପତିର ଭାଷା, ଚଳଣି ଓ ପରମ୍ପରା ମଧ୍ୟ ତାମିଲନାଡୁର ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଛି।

ଜଗନ୍ନାଥ ହେଉଛନ୍ତି କ୍ଷର, ଅକ୍ଷର ବା ବିଦ୍ୟା ଓ ଅବିଦ୍ୟାର ନିୟାମକ। ସେଥିପାଇଁ ସେ ଲୋକଶ୍ରେଷ୍ଠ ବା ପୁରୁଷୋତ୍ତମ। ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ। ତାଙ୍କର ମହିମା ତ୍ରିପୁର ବ୍ୟାପ୍ତ। ବେଦଠାରୁ ପୁରାଣ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସଂପର୍କରେ ଯେଉଁ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ, ସେଥିରୁ ତାଙ୍କର ଉତ୍ସ ଓ ବର୍ଣ୍ଣିତ ରୂପ ସଂପର୍କରେ ସ୍ଥୂଳଧାରଣା ସୃଷ୍ଟି ହୋଇଥାଏ। ସେ ଯେଉଁ ଧାମରେ ବିଜେ କରିଛନ୍ତି ତାହା ଶ୍ରେଷ୍ଠ ଧାମ। ବ୍ରହ୍ମ ପୁରାଣରେ ଏହାକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି – 'ପୁରୁଷୋତ୍ତମାତ୍ ପରଂକ୍ଷେତ୍ରଂ ନାସ୍ୟ ପୃଥିବୀତଳେ ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।' 'ତନ୍ତ୍ରଯାମଳ' ଗ୍ରନ୍ଥରେ ଜଗନ୍ନାଥଙ୍କୁ ବର୍ଣ୍ଣନା କରାଯାଇଛି – 'ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ, ଦାରୁରୂପୀ ଜଗନ୍ନାଥ ଭକ୍ତନାମଂଭୟପ୍ରଦଃ।।' ଏହିପରି ଏକ ମହାମହିମ ବିଶ୍ୱନିୟନ୍ତା ଦାରୁଦେବତା ଜଗନ୍ନାଥଙ୍କର କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ରଥଯାତ୍ରାର ମାହାତ୍ମ୍ୟ ଅନନ୍ୟ ଭୂମିକା ନେଇଛି। 'ଗୁଣ୍ଡିଚା ମଣ୍ଡପଂ ଯାନ୍ତିଂ ଯେ ପଶ୍ୟନ୍ତି ରଥେ ସ୍ଥିତମ୍, କୃଷ୍ଣଂ, ବଳଂ ସୁଭଦ୍ରାଂ ଚ ତେ ଯାନ୍ତି ଭବନଂ ହରେଃ।' ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିରାଜିତ ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ସୃଷ୍ଟି ସକଳ ଦେବଦେବୀଙ୍କ ଠାରୁ ଆରମ୍ଭ କରି ଗ୍ରହ, ନକ୍ଷତ୍ର, ଗ୍ରହ, ରାଶି, ଗନ୍ଧର୍ବ, ଯକ୍ଷ ଏବଂ ହନୁମାନ, ଅର୍ଜ୍ଜୁନ ପରି ଶ୍ରେଷ୍ଠ ଭକ୍ତଗଣ ସ୍ଥାନ ପାଇଛନ୍ତି।

କି ବାଳ, ବୃଦ୍ଧ, ବନିତା, ଜାତ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ଶ୍ରେଣୀର ଭକ୍ତବାଦ୍ୟ, ନୃତ୍ୟ, ଭକ୍ତିଗୀତ, ସଙ୍ଗୀତ, ହରିବୋଲ, ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡରେ ଜୟ ଜୟ ଜଗନ୍ନାଥ ଧ୍ୱନିରେ ମାଆ ଆନନ୍ଦରେ ରଥ ଟାଣି ନିଅନ୍ତି। ରଥର ଘର୍ଘର ଧ୍ୱନିରେ ଚଉଦଭୁବନ ପ୍ରକମ୍ପିତ ହୋଇଉଠେ। 'ଗୁଣ୍ଡିଚାଖ୍ୟାଂ ମହାତ୍ରାଂ ଯେ ପଶ୍ୟନ୍ତି ମୁଦାନ୍ୱିତାଃ, ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତତି ଭବନଂ ମମ।।' ନବଦିନାତ୍ମିକା ରଥଯାତ୍ରା ଉପରେ ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କର ମହାତ୍ମ୍ୟ ଜନମାନସରେ ରହିଆସିଛି। ବ୍ରହ୍ମପୁରାଣ, ସ୍କନ୍ଦ ପୁରାଣ, ନାରଦ ପୁରାଣ, ବାମନ ପୁରାଣ, ସୂତ ସଂହିତାରେ ଏହା ସୁବିସ୍ତୃତ ବର୍ଣ୍ଣିତ ହୋଇଛି। ଗୀତାରେ ଭଗବାନ ପ୍ରକାଶ କରିଛନ୍ତି, 'ମୁଁ ଜଡ଼ସମୂହର ଅତୀତ, ଚେତନ ପଦାର୍ଥ ଅପେକ୍ଷା ଶ୍ରେଷ୍ଠ। ମୁଁ ବେଦ ଓ ପୁରାଣରେ ପୁରୁଷୋତ୍ତମ ନାମରେ ଖ୍ୟାତ। ଶ୍ରୀକ୍ଷେତ୍ରରେ ଅନ୍ୟନାମ ପୁରୁଷୋତ୍ତମ କ୍ଷେତ୍ର ଓ ଅଧିଷ୍ଠିତ ଦେବତା ପୁରୁଷୋତ୍ତମ ନାମରେ ପ୍ରସିଦ୍ଧି ଲାଭ କରି ଅଛନ୍ତି। ଗୀତାର ବାଣୀକୁ ତତ୍ତ୍ୱବିଦମାନେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତ୍ୟକ୍ଷ କରିଅଛନ୍ତି। ସକଳ ଧର୍ମ, ସକଳ ଦର୍ଶନ, ସକଳ ସଂସ୍କୃତିର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ।

ଜଗନ୍ନାଥ ଧର୍ମ ଯଥାର୍ଥରେ ହେଉଛି ମାନବ ଧର୍ମ। ବିଶ୍ୱର ପ୍ରଥମ ଧର୍ମଶାସ୍ତ୍ର ବେଦର ନିର୍ଦ୍ଦେଶ ଅନୁଯାୟୀ ଘୋଷଯାତ୍ରା ଅନୁଷ୍ଠିତ ହୋଇ ମାନବଜାତିର କଲ୍ୟାଣ କାମନା କରାଯାଇଥାଏ। ସ୍ୱୟଂ ଜଗନ୍ନାଥ ଏହି ଯାତ୍ରାର ବିଧିବିଧାନ ପ୍ରବର୍ତ୍ତନ କରିଛନ୍ତି। ବୈଦିକ ଯଜ୍ଞ ସ୍ମରଣ, ଜନ୍ମବେଦୀର ମୋହ ତଥା ଆପଣାର ସ୍ୱନକ୍ଷତ୍ର ପାଳନ ପୂର୍ବକ ବିଶ୍ୱବାସୀଙ୍କୁ ବୈଦିକ ଚେତନାରେ ଅନୁପ୍ରାଣିତ କରିବା ନିମିତ୍ତ ଏହା ତାଙ୍କର ସ୍ୱୟଂଲୀଳା। 'ଗୁଣ୍ଡିଚା ମଣ୍ଡପଂ ନାମ ଯତ୍ରାହମଜନଂ ପୁରା, ଅଶ୍ୱମେଧ ସହସ୍ରସ୍ୟ ମହାବେଦୀ ତଦା ଭବେତ୍। ତସ୍ୟାଃ ପୁଣ୍ୟତମଂ ସ୍ଥାନଂ ପୃଥିବ୍ୟାଂ ନେହ ବିଦ୍ୟତେ, ଯତ୍ରାଜୁହୋଃ ପଞ୍ଚଶତବର୍ଷାଣି ପ୍ରୀତୟେ ମମ, ମମ ପ୍ରୀତିକର ସ୍ଥାନଂ ତସ୍ମାନାନ୍ୟତ ଧରାଗତମ୍।'

**ଜ୍ୟୋତ୍ସ୍ନା ପର୍ଣ୍ଣଚର୍ସ, ଚଣ୍ଡୀମନ୍ଦିର ମାର୍ଗ, କଟକ-୧, ଦୂରଭାଷ : ୯୪୩୭୦୨୧୬୧୫**

# ଜୀବନ ରଥ : ଶ୍ରୀଜଗନ୍ନାଥ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତ୍ୱମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ – ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ – ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି – ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି।

ଭକ୍ତମାନେ କୁହନ୍ତି – ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି – ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା। ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ଶ୍ରୀ ଶ୍ରୀ ଠାକୁର କହିଲେ – ଶ୍ରୀବଳରାମ ଥିଲେ ଜଣେ ବଡ଼ କୃଷିବିଜ୍ଞାନୀ, କୃଷିକାର୍ଯ୍ୟ ସମ୍ବନ୍ଧରେ ତତ୍କାଳୀନ ଜଣେ ଅଭିଜ୍ଞ ବ୍ୟକ୍ତି। ତେଣୁ ଏହି ବିଶେଷ ଗୁଣର ପ୍ରତୀକ ହିସାବରେ ଶ୍ରୀବଳରାମଙ୍କର ସ୍କନ୍ଧରେ ଆମେ ହଳ ଦେଖିବାକୁ ପାଉ। ପ୍ରଚଳିତ ଏକ କଥା ଅଛି – ଯିଏ ମୋତେ କରେ ଆଶ, ମୁଁ ତାର କରେ ସର୍ବନାଶ। ଦୟାଲ ଶ୍ରୀ ଶ୍ରୀ ଠାକୁର ଏହି ମତବାଦକୁ ସମର୍ଥନ କରିନାହାନ୍ତି। ପ୍ରଭୁ ଏହି ପଦ୍ୟକୁ ପରିବର୍ତ୍ତନ କରି କହିଛନ୍ତି – ଯିଏ ମୋତେ କରେ ଆଶ, ମୁଁ ତାର କାଟେ ବୃତ୍ତିଫାଶ। ଅର୍ଥାତ୍ ଗୁରୁଗତ ପ୍ରାଣ ହୋଇ ଚାଲିଲେ ମନୁଷ୍ୟ ବୃତ୍ତି ବନ୍ଧନରୁ ମୁକ୍ତ ହୁଏ। ଆଉ ପ୍ରବୃତ୍ତି ବନ୍ଧନରୁ ମୁକ୍ତି ହିଁ ପ୍ରକୃତ ସୁଖ ଓ ଚରମ ଆନନ୍ଦ। ବହୁକାଳରୁ ପ୍ରଚଳିତ ଏହି ଭାବନାର ସ୍ରୋତକୁ ଏକାଥରେ ବିଶେଷ ଦିଗ୍‌ଦର୍ଶନ ଦେଲେ କଳକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ (କ୍ରମଶଃ)

# ଜଗନ୍ନାଥେ ନ ଥିଲେ ଜଗେ କିଏ ?

## କବୀର କୁମାର ଜେନା

ଜଗନ୍ନାଥ କିଏ ? ସେ କ'ଣ ଆମ ଭାଇ ବନ୍ଧୁ କୁଟୁମ୍ବ, ସେ ଆମର ଆମେ ତାଙ୍କର ଏହା ହିଁ ଆମର ତାଙ୍କୁ ନେଇ ବଡ଼ ପରିଚୟ। ଜଗନ୍ନାଥଙ୍କୁ ନେଇ ସବୁଠି ଓଡ଼ିଆମାନେ ନିଜକୁ ପରିଚିତ କରିଥାନ୍ତି। ଜଗନ୍ନାଥଙ୍କୁ ଅନେକ ନାମରେ ଅନେକ ଜାଣନ୍ତି। ସେ ଦାରୁ ଦେବତା, ସେ ବଳିଆର ଭୂଜ, ସେ ହେଉଛି ସମଗ୍ର ବ୍ରହ୍ମାଣ୍ଡର ନାୟକ। ସେ ରାଜାଧିରାଜ ପୁରୁଷୋତ୍ତମ। ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଜାତି-ଧର୍ମ-ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଉପାସିତ ଓ ପୂଜ୍ୟ। ଏହା ଏକ ଏକ ରହସ୍ୟମୟ ପ୍ରଶ୍ନ। କାରଣ, ଶ୍ରୀମନ୍ଦିର ବା ନୀଳାଚଳ ହେଉଛି ଶ୍ରୀଜଗନ୍ନାଥଙ୍କର ନିତ୍ୟସ୍ଥଳ। ସ୍କନ୍ଦ ପୁରାଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ (ଅଧ୍ୟାୟ ୨୯)ରେ 'ଶ୍ରୀପ୍ରତିମା' ବା ଶ୍ରୀଜଗନ୍ନାଥ ନିଜେ କହିଛନ୍ତି – 'ହେ ରାଜେନ୍ଦ୍ର ଇନ୍ଦ୍ରଦ୍ୟୁମ୍ନ ତୁମ୍ଭେ ଯେତେବେଳେ କୋଟି କୋଟି ରତ୍ନ ଉତ୍ସର୍ଗ କରି ମୋର ମନ୍ଦିର ସ୍ଥାପନ କରିଅଛ, ମୁଁ ତୁମ୍ଭଙ୍କୁ ଏହି ବର ଦେଉଛି ଯେ, ମୋ ପ୍ରତି ତୁମ୍ଭର ଭକ୍ତି ଅଚଳା ହେବ। ଏହି ମନ୍ଦିର ଭଗ୍ନ ହୋଇଗଲେ ମଧ୍ୟ ମୁଁ କଦାପି ଏହି ସ୍ଥାନ ପରିତ୍ୟାଗ କରିବି ନାହିଁ। ଏହି ପ୍ରାସାଦ ମନ୍ଦିର ଭୂମିସାତ୍ ହେଲେ ମଧ୍ୟ ମୁଁ ଏହି ଦାରୁମୟ ଦେହରେ ପଦ୍ମଯୋନି ବ୍ରହ୍ମାଙ୍କ ଦ୍ୱିତୀୟ ପରାର୍ଦ୍ଧକାଳ ପରିସମାପ୍ତି ପର୍ଯ୍ୟନ୍ତ ଅବସ୍ଥାନ କରିବି। ମୁଁ ତୁମ୍ଭ ନିକଟରେ ଏହା ଚତୁର୍ବାର ସତ୍ୟ କରି କହୁଛି। ତାହେଲେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ନୂଆ ରଥ ଚଢ଼ି ସେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଚାଲିଯାଆନ୍ତି କିପରି ? ଏହା କ'ର ତାଙ୍କର ସତ୍ୟଭଙ୍ଗ ନୁହେଁ ? ବିଶ୍ୱ ବିସ୍ତୃତ ଜଗନ୍ନାଥଙ୍କ ଧାମ ଓ ପୀଠସ୍ଥ ଦେବତାଙ୍କ ଆବିର୍ଭାବ ଧାମର ପ୍ରାଚୀନତା ମୂର୍ତ୍ତି ତତ୍ତ୍ୱ ସେମାନଙ୍କର ଅବସ୍ଥିତି ସର୍ବୋପରି ବିବିଧ ଯାତ୍ରା ସକଳ ବିଷୟ ରହସ୍ୟାବୃତ୍ତ। ସାରଳା ଦାସଙ୍କ ଭାଷାରେ – 'ଅର୍ଜ୍ଜୁନ ବୋଇଲା ଯେଥକୁ ଦେବ ନକର ଚିନ୍ତା। ବଡ଼ ବଳବନ୍ତ ପୁରୁଷେକ ଯେ ଅଛଇ ରଖନ୍ତା। ସେହି ଖଡ଼ି ଘେନି ଲେଖନ କଲାକ ପିତୁଳୀ। ସେହି ପିତୁଳୀ ବିଦାରି ବାହାର ହୋଇଲା ପ୍ରଚଣ୍ଡ ବଳୀ।' ଦିବ୍ୟବୃକ୍ଷ ଓ ଦିବ୍ୟ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେହି ପିତୁଳୀ ଜଗି ରହିଲା। ସାରଳା ଦାସଙ୍କ ବର୍ଣ୍ଣନାରେ ତାହାର ରୂପ ଏହି ପରି – 'କର ଚରଣ ନାହିଁ ଯେ ନାହିଁ ତାର ମୁଣ୍ଡ। ପେଟ ପିଠିନାହିଁ ଅଙ୍ଗ ମେଦ ମୃତ୍ୟୁପିଣ୍ଡ। ଅଦଉଡିରେ ଅବଂଧନେ ଲାଗିଲା ତାର କାୟେ, ବୃକ୍ଷର ଉପରେ ବୁଲିଲା ସେ ତମ୍ଭାଚକ୍ର ପ୍ରାୟେ।' ଶାସ୍ତ୍ରୀୟ ପରମ୍ପରା ବିଧିରେ ମାନବ ଜାତିର ଐତିହ୍ୟରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ଜନପ୍ରିୟ ପ୍ରସାରଣ ଶୀଳତାରେ ବୈଦିକ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତରିତ କରିପାରିଛି। ସିଏ ମୁକ୍ତ – ଚିର ମୁକ୍ତ। ତେଣୁ ସେ ପତିତର ବନ୍ଧୁ ଦଳିତର ବନ୍ଧୁ,ଦରିଦ୍ରର ବନ୍ଧୁ। ଯଥାର୍ଥରେ ସେ ଗଣବନ୍ଧୁ।

ରଥଯାତ୍ରା ପରି ଏକ ଜାତୀୟ ଗଣପର୍ବ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବୁଝାଇ କହିବାର ନାହିଁ। ଏହି ଗଣଦେବତା ଓ ଗଣଉତ୍ସବକୁ ନେଇ ଓଡ଼ିଶାର ପରିଚିତି, ଓଡ଼ିଆ ଜାତିର ପରିଚିତି।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭
E-mail : kabirkjena@gmail.com

# ରଥଯାତ୍ରା ଭିଡ଼କୁ ଯିବାକୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

## ପ୍ରଫେସର ଡାକ୍ତର ସମ୍ରାଟ କର

ମାନୁ ମାଉସୀଙ୍କୁ ମୁଁ ନବକଳେବର ପୁରୀ ରଥଯାତ୍ରା ଦେଖିଯିବାକୁ କହିଲି । ସେ ମୋତେ ବହୁତ ଭଲ ପାଆନ୍ତି । ମା', ଖୁଡ଼ୀ ସମସ୍ତଙ୍କୁ ନେଇ ପୁରୀ ନବକଳେବର ରଥଯାତ୍ରା ଦେଖାଇବାର ଇଚ୍ଛା ମୋର ଅଛି । ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ । ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ ପିଲାବେଳେ ଥରେ ରଥଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡୁ ଚାପିଦେଲା ପରି ଲାଗିଲା । ସତେ ଯେମିତି ଗୋଟିଏ ଶକ୍ତ ଦଉଡ଼ିରେ ମତେ ବାନ୍ଧିଦେଇଛି । ମୁଁ ନିଶ୍ୱାସ ନେଇପାରିଲି ନାହିଁ । ସେହି ଦିନଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ । ମୁଁ ଗହଳି ଭିତରକୁ ଯାଏ ନାହିଁ । ମୋର ସେଇ ଦିନ କଥା ମନେ ପଡ଼େ । ଆଜିପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି । ମୁଁ ସେ ଭିତରେ ପଶିପାରିବିନି । ତୁମେ ଯାଅ । ଏକଥା ଶୁଣି ମୁଁ କହିଲି ଏ ଗୋଟିଏ ପ୍ରକାର ଅହେତୁକ ଭୟ । ଏହାକୁ ଫୋବିୟା କହନ୍ତି । ମୁଁ କହିଲି ଅଧିକାଂଶ ଲୋକଙ୍କଠାରେ ଏ ପ୍ରକାର ଭୟ ଦେଖାଯାଏ । ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ । ତାକୁ ରୋଗ ବୋଲି କୁହାଯାଏ ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ ।

ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ । ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି । ପ୍ରାୟ ପ୍ରତ୍ୟେକ ଲୋକଙ୍କଠାରେ ଏକପ୍ରକାର ଭୟ ଅଳ୍ପ ଅଧିକେ ଥାଏ; ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତିଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ । : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋ ଫୋବିୟା ବୋଲି କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ । ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କଠାରେ ଅଧିକ ହୋଇଥାଏ । ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ତାକୁ ସାହାଯ୍ୟ କରିବାକୁ କେହି ନ ଥାଆନ୍ତି । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ତେଣୁ ସେ ବିବ୍ରତ ହୋଇଯାଏ । ଉଦାହରଣସ୍ୱରୂପ ଘରଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

ଏପ୍ରକାର ରୋଗରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଅବସ୍ଥା, ପରିସ୍ଥିତି ବା କାର୍ଯ୍ୟ ପ୍ରତି ଅସ୍ୱାଭାବିକ ଭୟ ଉପୁଜିଥାଏ । ଏହି ଭୟ ପ୍ରକୃତ ପରିସ୍ଥିତି ତୁଳନାରେ ଖୁବ୍ ଅଧିକ ହୋଇଥାଏ । ଏହା ଅସଙ୍ଗତ ଓ ଯୁକ୍ତିବିରୁଦ୍ଧ ବୋଲି ଲୋକଟି ଜାଣିପାରେ । ଲୋକଟି ନିଜର ଏପରି ଭୟକୁ ନିୟନ୍ତ୍ରଣ କରିପାରେ ନାହିଁ । ତେଣୁ ସେ ମାନସିକ ଯନ୍ତ୍ରଣା ପାଇଥାଏ । ଏଥିପାଇଁ ଲୋକଟି ଏପରି ବସ୍ତୁ, ଅବସ୍ଥା କାର୍ଯ୍ୟରୁ ଦୂରେଇ ରହିବାକୁ ଚେଷ୍ଟା କରେ । ଧୀରେ ଧୀରେ ଲୋକଟି ଏହି ବିଷୟରେ ସବୁବେଳେ ଭାବିଥାଏ ଓ ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କଠାରେ ଅଧିକ ଦେଖାଦେଇଥାଏ । ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ । ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ । ଏହା ସେରୋଟୋନିନ, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ନ୍ୟୁରୋଟ୍ରାନ୍ସମିଟର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ । ନ୍ୟୁରୋଟ୍ରାନ୍ସମିଟର ହେଉଛି ଏକ ରାସାୟନିକ ଦ୍ରବ୍ୟ, ଯାହା ସ୍ନାୟୁଗୁଡ଼ିକ ମଧ୍ୟରେ ପ୍ରେରକ କାର୍ଯ୍ୟ କରେ । ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଏହା ବଂଶଗତ ହୋଇପାରେ ।

ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ଏହି ରୋଗର ଚିକିତ୍ସା, ଔଷଧ ଓ ସାଇକୋଥେରାପି ଦ୍ୱାରା କରାଯାଇଥାଏ । ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ । ସାଇକୋଥେରାପି ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ । ଫଳରେ ରୋଗୀ ମନରୁ ଭୟ କମିଯାଏ । ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନ ଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତା'ର ଭୟର କାରଣ ହୋଇଥାଏ । ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।

ରଥ ଭିଡ଼ ହେଉ ବା ଯେକୌଣସି ଭିଡ଼, ଏ କ୍ଷେତ୍ରରେ ପୂର୍ବରୁ କୌଣସି ମାନସିକ ସମସ୍ୟା ଥିବା ପୀଡ଼ିତମାନେ ଏହାକୁ ସାମ୍ନା ନକରିବା ସେମାନଙ୍କ ପରିପାର୍ଶ୍ୱିକ କ୍ଷେତ୍ର ପାଇଁ ଖୁବ ଭଲ। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ କୌଣସି ପ୍ରକାର ଗହଳି ବିଶେଷ ଭାବରେ ମାନସିକ ଅବସାଦ, ବିଷାଦ ପରି ଅନେକ ସମସ୍ୟା ଜର୍ଜରିତ ମାନଙ୍କ ପାଇଁ ସଞ୍ଜିବନୀ ସଦୃଶ ଉତ୍ସାହପ୍ରଦ ହୋଇଥାଏ। ତେବେ କୌଣସି ଭିଡ଼ ସ୍ଥାନକୁ ଯିବା ପୂର୍ବରୁ ପୀଡ଼ିତ ଯଦି ନିଦ ଜନିତ ସମସ୍ୟା ପାଇଁ କୌଣସି ଔଷଧ ଗ୍ରହଣ କରିଥାନ୍ତି ବା ତାଙ୍କୁ ନିଦୁଆ ଲାଗୁଥାଏ, ସେ ଯଦି ଦୁର୍ବଳ, ଅବସନ୍ନ, ଅପ୍ରସନ୍ନ ଅନୁଭବ କରନ୍ତି ତେବେ ତାଙ୍କୁ ନ ନେବା ଖୁବ ଭଲ। ତେବେ ଗହଳିଜନିତ ଭିଡ଼ ମଧ୍ୟ ଯେ ଭିଡ଼ ଭୟ ସୃଷ୍ଟି କରୁଥିବା ମାନସିକ ପୀଡ଼ିତ ମାନଙ୍କପାଇଁ ଯେ ଏକ ଫୋବିଆ ଏହା ଅତ୍ୟୁକ୍ତି ନୁହେଁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟରୋଡ଼, କଟକ, ମୋବାଇଲ-୯୧୩୨୪୩୩୩୩୩**

## ମାଉସୀମା ମନ୍ଦିରରେ ପହଞ୍ଚିଲେ ତିନି ଠାକୁର ଅଘଟଣ ପରେ ସଫଳ ହେଲା ରଥଟଣା, ଭକ୍ତିମୟ ପରିବେଶରେ ଗୁଞ୍ଜିଲା ଜୟ ଜଗନ୍ନାଥ ଧ୍ୱନି



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ପବିତ୍ର ରଥଯାତ୍ରା ଅବସରରେ ଘଟିଥିବା ଅଘଟଣ ପରେ ଆଜି ଭକ୍ତମାନଙ୍କ ମନରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ଆଜି ସଫଳତାର ସହ ଟଣାଯାଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଜମିଥିଲା। ସମଗ୍ର ଅଞ୍ଚଳ "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ରଥଯାତ୍ରା ସମୟରେ ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିଲା। ଏହି ଅପ୍ରତ୍ୟାଶିତ ଘଟଣା ଯୋଗୁଁ ରଥଟଣା କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। ଭକ୍ତମାନଙ୍କ ମନରେ ସାମୟିକ ନିରାଶା ସୃଷ୍ଟି ହୋଇଥିଲେ ମଧ, ସମସ୍ତେ ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କରିଥିଲେ।ରଥର ଚକ ମରାମତି କାମ ସମାପ୍ତ ହେବା ପରେ ଆଜି ଅପରାହ୍ଣ ପ୍ରାୟ ୨ଟା ସମୟରେ ପୁଣିଥରେ ରଥଟଣା ଆରମ୍ଭ କରାଯାଇଥିଲା। ରଥ ଟାଣିବା ପାଇଁ ସକାଳୁ ହିଁ ରାଇଘର ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ମହିଳା, ପୁରୁଷ, ଯୁବକ, ବୃଦ୍ଧ ଏବଂ ଶିଶୁମାନଙ୍କ ଉତ୍ସାହ ଦେଖିବା ଯୋଗ୍ୟ ଥିଲା।ପାରମ୍ପରିକ ବାଦ୍ୟ, ହରିବୋଲ, ଭଜନ-କୀର୍ତ୍ତନ ଓ "ଜୟ ଜଗନ୍ନାଥ" ଧ୍ୱନି ମଧ୍ୟରେ ଭକ୍ତମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ରଥ ଟାଣିଥିଲେ। ପ୍ରଶାସନ, ରଥଯାତ୍ରା କମିଟି, ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ରଥଟିକୁ ସୁରକ୍ଷିତ ଭାବେ ମାଉସୀମା ମନ୍ଦିର ନିକଟକୁ ଅଣାଯାଇଥିଲା। ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଆନନ୍ଦ ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ପ୍ରଭୁଙ୍କ ଦର୍ଶନ କରି ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।ଏହି ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ଥିଲେ। ସେମାନଙ୍କ ସହଯୋଗରେ ସମଗ୍ର ରଥଟଣା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା।ରଥର ଚକ ଭାଙ୍ଗିଯିବା ଘଟଣା ରଥଯାତ୍ରାରେ ସାମୟିକ ବାଧା ସୃଷ୍ଟି କରିଥିଲେ ମଧ, ଶେଷରେ ପ୍ରଭୁଙ୍କ କୃପାରୁ ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ସହ ଭକ୍ତମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ରାଇଘରର ଏହି ପବିତ୍ର ରଥଯାତ୍ରା ପୁଣିଥରେ ଧାର୍ମିକ ଏକତା, ଭକ୍ତିଭାବ ଓ ସାମାଜିକ ସଦ୍ଭାବର ଏକ ସୁନ୍ଦର ବାର୍ତ୍ତା ଦେଇଛି।

## ସର୍ବ ଭାରତୀୟ ସ୍ତରରେ ନିଟ୍ ପ୍ରବେଶିକା ପରୀକ୍ଷାରେ ଆୟୁଷ ଆଶିଷ



ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅଧିନସ୍ଥ ସାନ୍ଧା ପଞ୍ଚାୟତ ବାଲିପଶି ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଗତ ଗୁରୁବାର ରଥଯାତ୍ରା ଦିନ ସର୍ବ ଭାରତୀୟ ସ୍ତରରେ ନିଟ୍ ପ୍ରବେଶିକା ପରୀକ୍ଷା ଫଳ ଘୋଷଣା ହୋଇଥିଲା। ହେଲେ ବାଲିପଶୀ ଗ୍ରାମର ମାତା ପ୍ରତିମା ପରିଡା ଜଣେ ସୁଗୃହିଣୀ ଓ ତାଙ୍କ ପିତା ନିରାକାର ପରିଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ଆୟୁଶ ଆଶିଷ ପରିଡା ୭୨୦ ନମ୍ବର ରୁ ୬୨୯ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଆୟୁଷଙ୍କ ଭବିଷ୍ୟତରେ ସେ ଡାକ୍ତର ହୋଇ ଲୋକମାନଙ୍କର ସେବା କରିବାର ସ୍ୱପ୍ନ ପୂରଣ କରିବା ପାଇଁ । ମାତା ପ୍ରତିମା ପରିଡା ଓ ପିତା ନିରାକାର ପରିଡାଙ୍କ ଆୟୁଷ ଆଶିଷ ଦ୍ୱିତୀୟ ସନ୍ତାନ। ସେ ସାନ୍ଧା ସରସ୍ୱତୀ ଶିଶୁ ମନ୍ଦିର ରେ ପ୍ରଥମ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଅଷ୍ଟମ ରୁ ଦଶମ ଶ୍ରେଣୀ କାମାକ୍ଷାନଗର କାନପୁରା ପଞ୍ଚାୟତ ଆଞ୍ଚଳିକ ବିଦ୍ୟାଳୟରେ ୮୯ % ନମ୍ବର ରଖିଥିବା ବେଳେ + ୨ ଶିକ୍ଷା ଓ ଅନୁସନ୍ଧାନ ରେ ୭୮% ନମ୍ବର ରଖିଥିଲେ।୨୦୨୪ ମସିହାରେ ତାଙ୍କ ବଡ ଭାଇ ସତ୍ୟଜିତ ପରିଡା ନିଟ୍ ରେ ଟପ୍ପର ହୋଇ ଭୁବନେଶ୍ୱର ଏମ୍ସ ରେ ଶିକ୍ଷା ଲାଭ କରୁଛନ୍ତି। ଆୟୁଷ ଆଶିଷ ନିଟ୍ ରେ ସଫଳତା ପାଇବା ଖବର ପାଇ ସାନ୍ଧା ପଞ୍ଚାୟତ ଓ ବାଲିପସି ଗ୍ରାମବାସୀ ଉତ୍ସାହିତର ଲହରୀ ଖେଳିଯାଇଛି ।

## ଏମ.ଭି.-୭୯ରେ ଧୁମଧାମରେ ପାଳିତ ହେଲା ରଥଯାତ୍ରା, ୧୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ



କାଳିମେଳା, (ମହାଭାରତ) : ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଏମ.ଭି.-୭୯ ଠାରେ ଆଜି ପବିତ୍ର ରଥଯାତ୍ରା ମହୋତ୍ସବ ଅତ୍ୟନ୍ତ ଧୁମଧାମ ଓ ଭକ୍ତିମୟ ପରିବେଶରେ ପାଳନ କରାଯାଇଛି। ଏମ.ଭି.-୭୯ ରଥଯାତ୍ରା କମିଟିର ଆନୁକୂଲ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ରଥ ଟାଣିବା ପାଇଁ ସକାଳଠାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭଜନ, କୀର୍ତ୍ତନ ଓ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଅଞ୍ଚଳ ଆଧାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ପ୍ରାୟ ୧୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଆକଳନ କରାଯାଇଛି। ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଏମ.ଭି.-୭୯ ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ସମୟରେ ପୋଲିସ ଶାନ୍ତି ଓ ଆଇନ-ଶୃଙ୍ଖଳା ଉପରେ ସତର୍କ ନଜର ରଖିଥିଲେ। ରଥଯାତ୍ରା କମିଟି, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ କୌଣସି ଅପ୍ରୀତିକର ଘଟଣା ବିନା ରଥଯାତ୍ରା ସଫଳତାର ସହ ସମାପ୍ତ ହୋଇଥିଲା।

## ଦିନ ଦିପହରରେ ଏୟାରଟେଲ ଟାୱାରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି

ରାଇଘର (ଲଳିତ ସୁନାନୀ)ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଛେଳିଡଙ୍ଗରୀ ପଞ୍ଚାୟତର ଛେଳିଡଙ୍ଗରୀରେ ଦିନ ଦିପହରରେ ଏକ ସାହସିକ ଚୋରି ଘଟଣା ସାମ୍ନାକୁ ଆସିଛି। ଗାଁରେ ଥିବା ଏୟାରଟେଲ ମୋବାଇଲ ଟାୱାରର ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି।ଏହି ଘଟଣା ପରେ ଟାୱାରର ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବା ସହ ସ୍ଥାନୀୟ ଅଞ୍ଚଳରେ ମୋବାଇଲ ନେଟୱର୍କ ସେବା ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି। ଦିନ ଦିପହରରେ ଏପରି ଚୋରି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ ହୋଇଥିଲେ ତଦନ୍ତ ଆରମ୍ଭ କରି ଚୋରଙ୍କୁ ଶୀଘ୍ର ଗିରଫ କରିବା ସହ ଚୋରି ହୋଇଥିବା ଟ୍ରାନ୍ସଫର୍ମର ଉଦ୍ଧାର କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ମାଲକାନଗିରିରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ବୈଠକ




ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସମୃଦ୍ଧ କରିବା ପାଇଁ ଆଜି ମାଥିଲି ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ (ଇଲେକ୍ଟୋରାଲ ରୋଲ ଅବଜରଭର) ମହମ୍ମଦ ସାଦିକ ଆଲାମ ଜିଲ୍ଲାର ପ୍ରଥମ ଗସ୍ତ ସୂଚୀରେ ଭୋଟର ତାଲିକାରେ ଚାଲିଥିବା ସଂଶୋଧନ କାର୍ଯ୍ୟର ବିଧିବଦ୍ଧ ତଦାରଖ କରିଥିଲେ। ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ମହମ୍ମଦ ସାଦିକ ଆଲାମ କହିଛନ୍ତି, ଏକ ସୁଦୃଢ଼ ଗଣତନ୍ତ୍ର ଗଠନ ପାଇଁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଜରୁରୀ ଏବଂ ଏହି ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ, ତେଣୁ ସମସ୍ତ ଅଧିକାରୀ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର କୋଣ ଅନୁକୋଣରେ ଥିବା ଯୋଗ୍ୟ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ଏବଂ ଆମେ ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପ୍ରତିବଦ୍ଧ। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମାଲକାନଗିରିର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ସମୂହ, ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସକ୍ରିୟ ଭାବେ ଯୋଗଦେଇ ନିଜ ନିଜ ଅଞ୍ଚଳର ଭୋଟର ତାଲିକା ସଂଶୋଧନ ସ୍ଥିତି ଉପସ୍ଥାପନ କରିଥିଲେ। ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ଦେବା ପାଇଁ ଫର୍ମ-୭ ଏବଂ ତ୍ରୁଟି ସଂଶୋଧନ ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରିପାରିବେ ବୋଲି ବୈଠକରେ ସମସ୍ତଙ୍କୁ ସଚେତନ କରାଯାଇଛି।

## ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଚୋର

କପ୍ତିପଦା, (ମହାଭାରତ ) : ଅଳ୍ପ ସମୟ ମଧ୍ୟରେ ଘରେ କଳାକନା ବୁଲାଇଲେ ଲୁଟେରା। ଉଦଳା ଥାନା ଏନଏସି ୧୧ ନମ୍ବର ୱାର୍ଡରେ ଘଟିଛି ଏଭଳି ଘଟଣା। ୧୧ ନମ୍ବର ୱାର୍ଡର ବାସିନ୍ଦା ଭାଗିରଥି ପ୍ରସାଦ ସାହା ଏବଂ ତାଙ୍କ ପରିବାର ଲୋକେ ଉଦଳା ରଥ ଦେଖିବାକୁ ଆସିଥିଲେ। ହେଲେ ରଥ ରୁ ରାତିରେ ଘରକୁ ଫେରିବା ପରେ ଘରୁ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଯାହାକି ଲୁଟେରା ମାନେ ଘରେ ପଶି ଘର ମୁଖ୍ୟ ଗେଟ ତାଲା ଭାଙ୍ଗି ଘର ଭିତରେ ଥିବା ଗଡ୍ରେଜ ଏବଂ ଆଲମାରୀ ଭାଙ୍ଗିଥିଲେ। ସେଥିରେ ଥିବା ନଗଦ ୪ ଲକ୍ଷ ୨୩ ହଜାର ଟଙ୍କା ସହିତ ୩ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସୁନା ଅଳଙ୍କାର ଲୁଟେରା ମାନେ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ମାତ୍ର ୨ ଘଣ୍ଟା ପାଇଁ ଘର ଛାଡି ଯାଇଥିବା ବେଳେ ଲୁଟେରା ମାନେ କଳାକନା ବୁଲାଇ ଦେବା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି।

## ବହୁମୁଖୀ ଉତ୍ପାଦକ କମ୍ପାନୀ ପାଇଁ ଦକ୍ଷତା ବିକାଶ ତାଲିମ

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟରେ ଗଠିତ ପାଞ୍ଚପୀଢ଼ ବହୁମୁଖୀ ଉତ୍ପାଦ କମ୍ପାନୀ ନିମିତ୍ତ ଅଂଶୀଦାର ସାମିଲ ପାଇଁ ଦକ୍ଷତା ବିକାଶ ତାଲିମ ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବନ ସୁରକ୍ଷା ସମିତି ସଦସ୍ୟ ସମ୍ପାଦକ, ସଭାପତି ଓ ଆନିମେଟର



ମା ୮ େ ନ
ଯୋଗଦେଇ
ତା ଲି ମ
ଗ୍ ହ ଣ
କରିଥିଲେ ।
ତା ଲି ମ

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରଞ୍ଜିଆ ଡ଼ିଏଫଓ ଅଜୟ କୁମାର ସାହୁ ବନବାସୀଙ୍କ ରୋଜଗାର ବୃଦ୍ଧି ହେଲେ ଜଙ୍ଗଲ ଉପରେ ଚାପ ହ୍ରାସ ହେବ ବୋଲି କହିଥିଲେ । ସେଥିପାଇଁ ବହୁମୁଖୀ ଉତ୍ପାଦକ କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ଯୋଡି ଲାଭାଂସ ପହଞ୍ଚାଇବାକୁ ପଡିବ । ଲୋକଙ୍କ ଉତ୍ପାଦନକୁ କମ୍ପାନୀ ଢଙ୍ଗରେ ପ୍ୟାକେଜିଂ, ଗୁଣବତ୍ତା, ମାନ ଏସବୁ ଦିଗକୁ ଧ୍ୟାନ ଦେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ପ୍ରଭାତ କୁମାର କୁଅଁର ଏବଂ ଓଁକାର ଦାସ ଯୋଗଦେଇ କେଉଁଭଳି ଉତ୍ପାଦ ଚୟନ, ତାର ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ । ବଡ଼ ବଡ଼ କମ୍ପାନୀ ଏକାଦିନେ ବଡ଼ ହୋଇନାହାନ୍ତି । ସେମାନେ ପାରିଲେ ତୁମେ ବି ପାରିବ ଏଭଳି ସଂକଳ୍ପ ନେଇ କାମ କରିବାକୁ ପ୍ରସ୍ତାବ ଦେଇଥିଲେ । ବିଷୟ ବସ୍ତୁ ବିଶେଷଜ୍ଞ ନିଶିକାନ୍ତ ଜେନା, ସରୋଜ ରଞ୍ଜନ ସାହୁ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ସଂଯୋଜକ ସୁକାନ୍ତ କୁମାର ସାହୁ ପିପିଟି ମାଧ୍ୟମରେ ଉପସ୍ଥାପନା କରି ତାଲିମ ପ୍ରଦାନ କରିଥିଲେ। ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ସ୍ୱାଗତ ସୂଚନା ପ୍ରଦାନ କରିଥିବାବେଳେ ଶରତ କୁମାର ତ୍ରିପାଠୀ ତାଲିମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥଯାତ୍ରା ସେବା ଶିବିର-୨୦୨୬ ସଫଳ ଆୟୋଜନ

ପାରଳାଖେମୁଣ୍ଡି, (ମହାଭାରତ) : ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ, ଗଜପତି ଜିଲ୍ଲା ପକ୍ଷରୁ ଆୟୋଜିତ ରଥଯାତ୍ରା ସେବା ଶିବିର-୨୦୨୬ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ସେବା ଶିବିରର ସଫଳ ଆୟୋଜନରେ ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତି, ପିଏମ୍ ଶ୍ରୀ ଏମ୍.ଆର୍. ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡିର ପ୍ରଧାନ ଶିକ୍ଷକ ଓ ସମସ୍ତ କର୍ମଚାରୀ, ଜିଲ୍ଲା ଅର୍ଗାନାଇଜିଂ କମିଶନର (ଡ଼ଙଡ଼), ଯୁଗ୍ମ ଜିଲ୍ଲା ସମ୍ପାଦକ, ଜିଲ୍ଲା ଟ୍ରେନିଂ କମିଶନର (ସ୍କାଉଟ୍ସ ଓ ଗାଇଡ୍ସ), ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପଟେନ୍, ସ୍କାଉଟ୍ସ, ଗାଇଡ୍ସ, ଏନ୍.ସି.ସି. କ୍ୟାଡେଟ୍ ଓ ସମସ୍ତ ସ୍ୱେଚ୍ଛାସେବୀଙ୍କ ଅମୂଲ୍ୟ ସହଯୋଗ ରହିଥିଲା। ଗଜପତି ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲା ସମ୍ପାଦକ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇ କହିଛନ୍ତି ଯେ, ସମସ୍ତଙ୍କର ନିଷ୍ଠା, ଶୃଙ୍ଖଳା, ଟିମ୍ ସ୍ପିରିଟ୍ ଏବଂ ନିଷ୍କାମ ସେବାଭାବ ଯୋଗୁଁ ଭକ୍ତମାନଙ୍କୁ ସୁବିଧା ପ୍ରଦାନ କରିବା ସହ ସେବା ଶିବିରକୁ ସଫଳ ଭାବେ ପରିଚାଳନା କରିବା ସମ୍ଭବ ହୋଇପାରିଛି।

## ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା କୁରାଙ୍ଗ ଶାସନ,ଗଡ଼ିଲା ପ୍ରଭୁଙ୍କ ରଥ



ବାରଙ୍ଗ (ମହାଭାରତ): କଟକ ସଦର ଥାନା ଅନ୍ତର୍ଗତ ଐତିହ୍ୟବାହୀ କୁରାଙ୍ଗ ଶାସନରେ ଚଳିତ ବର୍ଷ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅତ୍ୟନ୍ତ ଜାକଜମକ, ଆଧାତ୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରବଳ ବର୍ଷା ସତ୍ତ୍ୱେ ମଧ ରଥଦର୍ଶନ ଏବଂ ପ୍ରଭୁଙ୍କ ଦିବ୍ୟ ଲୀଳାର ସାକ୍ଷୀ ହେବା ପାଇଁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ଘଟିଥିଲା।'ଜୟ ଜଗନ୍ନାଥ' ଧ୍ୱନି, ହରିବୋଲ, ଘଣ୍ଟ, ଶଙ୍ଖ ଓ ମୃଦଙ୍ଗର ନାଦରେ ସମଗ୍ର ପରିବେଶ ଭକ୍ତିରସରେ ମୁଖରିତ ହୋଇଉଠିଥିଲା। ରଥଟାଣିବାର ଏହି ଦିବ୍ୟ ମୁହୂର୍ତ୍ତରେ ଭକ୍ତମାନଙ୍କ ଉତ୍ସାହ, ଆସ୍ଥା ଓ ଭାବବିହ୍ୱଳତା ସମଗ୍ର କୁରାଙ୍ଗ ଶାସନକୁ ଏକ ପବିତ୍ର ଆଧାତ୍ମିକ କ୍ଷେତ୍ରରେ ପରିଣତ କରିଦେଇଥିଲା। ରଥଯାତ୍ରା ପୂର୍ବରୁ ମନ୍ଦିର ପରିସରରେ ବିଭିନ୍ନ ଧାର୍ମିକ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଅପରାହ୍ଣରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ପରେ ପାରମ୍ପରିକ ଶୋଭାଯାତ୍ରାରେ ମନ୍ଦିରରୁ ରଥକୁ ଅଣାଯାଇଥିଲା। ଏହାପରେ ବିଧିବଦ୍ଧ ଭାବେ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତମାନେ ମହାପ୍ରଭୁଙ୍କ ରଥ ଦଉଡ଼ି ଟାଣିବାକୁ ନିଜର ସୌଭାଗ୍ୟ ମନେ କରିଥିଲେ। ସନ୍ଧ୍ୟା ସମୟରେ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ରଥଯାତ୍ରାର ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଥିଲା। ଜୋନ୍ ?-୪ ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ଓ ଅତିରିକ୍ତ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହାଛଡ଼ା,ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ସେବା ଶିବିର ଖୋଲାଯାଇ ଭକ୍ତମାନଙ୍କୁ ସହଯୋଗ ପ୍ରଦାନ କରାଯାଇଥିଲା। ଏହି ପବିତ୍ର ଅବସରରେ ପୂର୍ବତନ ନିଆଳି ବିଧାୟକ ପ୍ରଫେସର ଡ଼ା.ପ୍ରମୋଦ କୁମାର ମଲ୍ଲିକ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ଗିରିଧାରୀ ସାହୁ, କାର୍ତ୍ତିକ ସାହୁ, ବିଜୟ କୁମାର ମିଶ୍ର, ଅଜୟ କୁମାର ପତି, ଅଶୋକ କୁମାର ସାହୁ, ଅଶୋକ କୁମାର ଜେନା, ସୁବ୍ରତ ବିଶ୍ୱାଳ, ପ୍ରକାଶ କୁମାର ନାୟକ, ସୁମିତ୍ରା ଦାଶ, କବିନ ସେଠୀ, ବାବୁଲି ମଲ୍ଲିକ, ଅତୁଲ ଜେନା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଦେବଗଡ଼ ଜିଲ୍ଲାର ପୁରୁଣା ଗଡ ସ୍ଥିତ ଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱିତୀୟ ଦିନରେ ନୂତନ ରଥରେ ଘୋଷ ଯାତ୍ରା

ଦେବଗଡ, (ମହାଭାରତ) : ଦେବଗଡ଼ ଜିଲ୍ଲା ପୁରୁଣାଗଡ଼ ସ୍ଥିତ ଐତିହ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୂତନ ରଥରେ ଚଳିତ ବର୍ଷ ଘୋଷ ଯାତ୍ରା ଅତ୍ୟନ୍ତ ଆନନ୍ଦଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ, ପୌରପାଳିକା, ମନ୍ଦିର ପ୍ରଶାସନ ଏବଂ ଶ୍ରଦ୍ଧାଳୁ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସମଗ୍ର ଉତ୍ସବ ବେଶ୍ ସୁଚାରୁରୂପେ ପରିଚାଳିତ ହୋଇଛି। ଆଜି ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶହ ଶହ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଓ ଘଣ୍ଟ ଘଣ୍ଟା ଧ୍ୱନି ମଧ୍ୟରେ ରଥ ବାହାରି ମାଉସୀମା ମନ୍ଦିର ମଧ୍ୟଭାଗରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର୍ ସାହୁ , ବରଣ୍ୟ ଅତିଥି ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହି, ପୌର ପରିଷଦ ଅଧକ୍ଷ ପ୍ରଜିତ୍ ଭୋଜ୍ ଓ ବରିଷ୍ଠ ନାଗରିକ ସଭାପତି ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଦେବଗଡ ନୂତନ ରଥ ନିର୍ମାଣ ନିମନ୍ତେ ସହାୟତା ପ୍ରଦାନ କରିଥିବାରୁ ଚଳିତ ବର୍ଷ ୨୦୨୬ ପାଇଁ ୩୫ ଜଣ ବଦାନ୍ୟ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ୍ ଦ୍ୱାରା ସମ୍ମାନିତ କରାଯାଇଥିଲା। ପୁଲିସ ବାହିନୀ, ଅଗ୍ନିଶମ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ ସହ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଏଥିସହ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ରଥଯାତ୍ରା ବିଶେଷାଙ୍କ 'ଉତ୍କଳ ପ୍ରସଙ୍ଗ' ଏବଂ 'ଜଗନ୍ନାଥ ଜଣାଣ' ପୁସ୍ତକ ଶ୍ରଦ୍ଧାଳୁଙ୍କ ପାଇଁ ବିକ୍ରୟ କରାଯାଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଭକ୍ତିରେ ଭିଜିଲେ ଶ୍ରଦ୍ଧାଳୁ

# ଭକ୍ତ-ଭଗବାନ ଏକାକାର -ବର୍ଷାରେ ଭିଜି ରଥ ଟାଣିଲେ

ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ସହରର ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ସତେ ଯେମିତି ଭକ୍ତ ମାନଙ୍କର ଆଖି ଓ ମନ କାହାକୁ ଖୋଜୁଥିଲା ଗତକାଲି ଠାରୁ ଲଗାଣ ବର୍ଷା ଲାଗି ରହିଥିଲେ ମଧ୍ୟ ଧୀରେ ଧୀରେ ପୁରୁଣା ସହର ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ପହଣ୍ଡି ଦେଖିବାକୁ ପାଇଁ ପହଞ୍ଚିଥିଲେ। ପରେ ଦିନ ଯେତିକି ଯେତିକି ଗଡ଼ି ଚାଲୁଥିଲା, ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଆରମ୍ଭ ହୋଇଥିଲା। ରଥରେ ଛେରାପହଁରାକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ରଥଟଣାରେ ବିଳମ୍ବ ହୋଇଥିଲା। ମାତ୍ର ଏହାର ସମାଧାନ ହେବା ପରେ ଶ୍ରଦ୍ଧାଳୁ ମାନେ ମନ ଖୁସିରେ ରଥ ଟାଣିବା ଆରମ୍ଭ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ସାନ ଭଉଣୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇଛନ୍ତି ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରା ପାଇଁ ସବୁ ପ୍ରକାର ବ୍ୟବସ୍ଥା ହୋଇଥିଲା। ଆଜି ଭକ୍ତ ଓ ଭଗବାନ ଏକାକାର ହୋଇଛନ୍ତ। ନୀତି ଅନୁସାରେ, ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା କରାଯାଇ ରଥଯାତ୍ରା ଆରମ୍ଭ ପର୍ବ ଆରମ୍ଭ ହୋଇଥିଲା। ସକାଳ ୧୧ ଘଟିକା ରେ ରଥ ପ୍ରତିଷ୍ଠା ଓ ୧୨.୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା।ପହଣ୍ଡି ପୂର୍ବରୁ



ଟିକେ ଉତ୍ତେଜନା ଦେଖାଯାଇଥିଲା। ଉପଜିଲ୍ଲାପାଳ ଛେରାପହଁରା କରିବାକୁ ନେଇ ପହଣ୍ଡି ସେବାୟତ ମାନେ ବିରୋଧ କରିଥିଲେ। ବୁଝାସୁଝା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ର ୩ଟା ବେଳକୁ ଛେରାପହଁରା କରାଯାଇଥିଲା। ଅପରାହ୍ନ ୩ଟା ୩୦ରେ ରଥଟଣା ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଏହା ବିଳମ୍ବିତ ହୋଇ ୪ ଟା ୩୦ ରେ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ନୟାଗଡ଼ ଏସ୍.ଡି.ପିଓ ସୃଷ୍ଟି ପ୍ରଧାନଙ୍କ ସମେତ ଡିଏସ୍ପି ନିହାର ରଞ୍ଜନ ମହାନ୍ତି, ନୟାଗଡ଼ ଟାଉନ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ପ୍ରଧାନ, ସଦର ଥାନା ଅଧିକାରୀ ପ୍ରିୟତମା ବେହେରା, ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଜରିଆରେ ଧାରାବିବରଣୀ ବ୍ୟବସ୍ଥା ହୋଇଥିଲା। କବି ଚନ୍ଦ୍ର ବିଜୟୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, କବି ନିର୍ମଳ ଚନ୍ଦ୍ର ଶୂରଦେଓ, ପୂର୍ଣଚନ୍ଦ୍ର ମହାପାତ୍ର, ପ୍ରିୟମ୍ବଦା ଦାଶ, ବିଶ୍ୱନାଥ ପ୍ରଧାନ ଓ କୈଳାଶ ବାଣ୍ଡ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଶ୍ରୀ ବଳଦେବଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ନିକଟରେ ପହଞ୍ଚିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳା ମାନେ ଟାଣି ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚାଇଥିବା ଦେଖାଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା ହୋଇ ମଧ୍ୟ ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚିଥିଲା।

## ପାରାଦୀପ କଲେଜ ପରିସରରେ ରୋଟାରୀ କ୍ଲବ ପକ୍ଷରୁ ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ




ପାରାଦୀପ(ମହାଭାରତ): ପାରାଦୀପ ସହରକୁ ସବୁଜ ସୁନ୍ଦର କରିବା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ ପାରାଦୀପ ପକ୍ଷରୁ ପାରାଦୀପ ମହାବିଦ୍ୟାଳୟ ଖେଳପଡ଼ିଆ ପରିସରରେ ପବିତ୍ର ରଥଯାତ୍ରା ଦିବସ ଅବସରରେ ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସର ମଧ୍ୟରେ ମୋଟ ୩୦ଟି ନଡ଼ିଆ ଚାରା ରୋପଣ କରାଯାଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ,ମୁଖ୍ୟ ଯନ୍ତ୍ରୀ ସୁଶୀଲ ଚନ୍ଦ୍ର ନାୟକ ଏବଂ ପାରାଦୀପ କଲେଜର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ପାରାଦୀପର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ କାଳୀପ୍ରସାଦ ମିଶ୍ର, ଉପସଭାପତି ଦୀପକ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିପ୍ଳବ କୁମାର ଜେନାଙ୍କ ସମେତ କ୍ଲବର ବରିଷ୍ଠ ସଦସ୍ୟ ତଥା ନିର୍ଦ୍ଦେଶକ ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ର, ଡାକ୍ତର କୈଳାଶ ଚନ୍ଦ୍ର ମହାରଣା, ଲେଫ୍ଟନାଣ୍ଟ କର୍ଣ୍ଣେଲ ଅକ୍ଷୟ କୁମାର ମିଶ୍ର ଏବଂ ପ୍ରତାପ ଚନ୍ଦ୍ର ମ୍ୟନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ କଲେଜର ଅଧ୍ୟାପକ ଗଣେଶ୍ୱର ପାତ୍ର, କର୍ମଚାରୀ ବୃନ୍ଦ, ଏନ.ସି.ସି. ଛାତ୍ରଛାତ୍ରୀ ଏବଂ ଓ.ଏଫ୍.ଡି.ସି. ସୁପରଭାଇଜର ଆନନ୍ଦ ଚରଣ ସେଠୀ ଓ କର୍ମଚାରୀମାନେ ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।ଏହି ଅବସରରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, କେବଳ ରୋଟାରୀ କ୍ଲବ ନୁହେଁ, ପାରାଦୀପ ପୌରପାଳିକା ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ ଯେଉଁ ସଂଗଠନ ଚାରାରୋପଣ କାର୍ଯ୍ୟକ୍ରମ କରିବେ, ପୌରପାଳିକା ପକ୍ଷରୁ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ। ଚଳିତ ଆର୍ଥିକ ବର୍ଷରେ ପାରାଦୀପ ସହରର ବିଭିନ୍ନ ସ୍ଥାନରେ ଏଭଳି ଫଳପ୍ରଦ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିବ ଏବଂ ଆଗାମୀ କାର୍ଯ୍ୟକ୍ରମ ପାରାଦୀପ ଗଲ୍ଫ କ୍ଲବ ପରିସରରେ ଅନୁଷ୍ଠିତ ହେବ ବୋଲି କ୍ଲବ ର ସଭାପତି ଶ୍ରୀ ସୁତାର ସୂଚନା ଦେଇଥିଲେ। ଶେଷରେ ସେ ସମସ୍ତ ଉପସ୍ଥିତ ସଦସ୍ୟ ଓ ଅତିଥିଙ୍କୁ ଧନ୍ୟବାଦ ଜଣାଇବା ସହ ସହରକୁ ପ୍ରଦୂଷଣମୁକ୍ତ ଏବଂ ସବୁଜମୟ କରିବାକୁ ଆହ୍ୱାନ ଦେଇଥିଲେ।

## ଖଡ଼ିଆଳ ମଝିଆ ଗୁଡ଼ିରେ ମହାସମାରୋହରେ ରଥଯାତ୍ରା



ଖଡ଼ିଆଳ,: ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସହରରେ ପବିତ୍ର ରଥଯାତ୍ରା ଉପଲକ୍ଷେ ମଝିଆ ଗୁଡ଼ି ଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ। ପରମ୍ପରା ଅନୁଯାୟୀ ଖଡ଼ିଆଳ ରାଜା ଦେବ ଦେବ ସିଂଦେଓ ଛେରା ପହଁରା ନୀତି ସମ୍ପାଦନ କରିବା ପରେ ଭକ୍ତମାନଙ୍କ ଦ୍ୱାରା ବଡ଼ଦାଣ୍ଡରେ ରଥଟାଣ ଆରମ୍ଭ ହୋଇଥିଲା।ଖଡ଼ିଆଳର ଜଗନ୍ନାଥ ସଂସ୍କୃତି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରିଆସୁଛି। ଏଠାରେ ତିନୋଟି ମନ୍ଦିରରୁ ତିନି ପ୍ରକାର ଅବତାରରେ ପ୍ରଭୁ ଜଗନ୍ନାଥ ରଥାରୂଢ଼ ହୋଇଥାନ୍ତି। ଦଧିବାମନ ମନ୍ଦିରରେ ପ୍ରଭୁ ବାମନ ଅବତାରରେ ପୂଜା ପାଉଥିବା ବେଳେ ସାନ ଗୁଡ଼ିରେ ପତିତପାବନ ଅବତାର ଏବଂ ମଝିଆ ଗୁଡ଼ିରେ ଚତୁର୍ଦ୍ଧା ମୂର୍ତ୍ତି ରୂପେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ବିଜେ କରିଥାନ୍ତି। ମଝିଆ ଗୁଡ଼ିର ରଥଯାତ୍ରାର ଏକ ବିଶେଷ ଆକର୍ଷଣ ହେଉଛି ସୁଭଦ୍ରାଙ୍କ ରଥୟ ପରମ୍ପରା ଅନୁଯାୟୀ ଏହି ରଥକୁ ମହିଳା ଭକ୍ତମାନେ ବିଶେଷ ଭାବେ ଟାଣିଥାନ୍ତି। ଏଥିରେ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।ରଥଯାତ୍ରା ଅବସରରେ ଖଡ଼ିଆଳ ବଡ଼ଦାଣ୍ଡରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିବେଶ ମୁଖରିତ ହୋଇଉଠିଥିଲା। ଭକ୍ତମାନେ ରଥ ଟାଣି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା।

## ଶାଖା ପରିଚାଳକଙ୍କ ବଦଳି ଦାବିରେ ବ୍ୟାଙ୍କ ସମ୍ମୁଖରେ ସେବା ସମବାୟ ସମିତି ସଭାପତିଙ୍କ ଧାରଣା

ଗଣିଆ,(ମହାଭାରତ):ଗଣିଆ ଜୋନର ସମସ୍ତ ସେବା ସମବାୟ ସମିତିର ସଭାପତିମାନେ ଗଣିଆ ସମବାୟ ବ୍ୟାଙ୍କ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସିଛନ୍ତି। ବ୍ୟାଙ୍କର ବର୍ତ୍ତମାନର ଶାଖା ପରିଚାଳକଙ୍କ ମନମୁଖୀ ଶାସନ ଓ ଅସହଯୋଗ ମନୋଭାବ ଯୋଗୁଁ ସମିତିର ସମସ୍ତ କାର୍ଯ୍ୟକଳାପ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଆନ୍ଦୋଳନକାରୀ ସଭାପତିମାନେ ଅଭିଯୋଗ କରିଛନ୍ତି।ସଭାପତିମାନଙ୍କ କହିବା ଅନୁଯାୟୀ, ଶାଖା ପରିଚାଳକଙ୍କ କାର୍ଯ୍ୟରେ ସ୍ୱଚ୍ଛତା ରହୁନଥିବା ଏବଂ କଦର୍ଯ୍ୟ ବ୍ୟବହାରରେ ଅତିଷ୍ଠ ହୋଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ ତୁରନ୍ତ ଏଠାରୁ ବଦଳି କରାଯାଉ ବୋଲି ସଭାପତିମାନେ ଦୃଢ଼ ଦାବି କରିଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିବ ବୋଲି ଜଣାଇ ଥିଲେ । ଅଧିକ ପଦକ୍ଷେପ ସ୍ୱରୂପ ସେମାନେ କହିଛନ୍ତି ଯେ, ଯଦି ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ତୁରନ୍ତ ଏ ଦିଗରେ କୌଣସି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତେବେ ଜୋନର ସମସ୍ତ ସମିତିର ସଭାପତି ଓ ସମ୍ପାଦକମାନେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ଆଗାମୀ ଦିନରେ ରାଜରାସ୍ତା କୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ବ୍ୟାପକ କରଯିବ ।ଏହି ଆନ୍ଦୋଳନ ଯୋଗୁଁ ଯଦି ସମିତିର କୌଣସି ପ୍ରକାର କ୍ଷତି ହୁଏ, ତେବେ ସେଥିପାଇଁ ଉଚ୍ଚ ପଦାଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ସଭାପତିମାନେ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ଆନ୍ଦୋଳନ କାରଣରୁ ବ୍ୟାଙ୍କର ଦୈନନ୍ଦିନ ସେବା ପ୍ରଭାବିତ ହେଉଥିବାରୁ ସାଧାରଣ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କଣ୍ଢେଶ୍ୱରୀ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ଆଳି,(ମହାଭାରତ): ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତର ମହାସାହାଣୀ ଗ୍ରାମରେ ଥିବା ମା କଣ୍ଢେଶ୍ୱରୀ କମ୍ୟୁନିଟି ସେଣ୍ଟର ଆଜି ଉଦଘାଟିତ ହୋଇଯାଇଛି । ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଏହି କମ୍ୟୁନିଟି ସେଣ୍ଟର ଗ୍ରାମର ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇ ପାରିବ ବୋଲି ବିଧାୟକ ଶ୍ରୀ ଦେବ କହିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ କମିଟି ସଦସ୍ୟ ଆଶୁତୋସ ଦାସ, ବିଚିତ୍ର ବେହୁରା, ଆଲୋକ ପଣ୍ଡା, ପ୍ରତାପ ବାରିକ, ମନୋରଞ୍ଜନ ଲେଙ୍କା,ସୁମନ୍ତ ଦାସ, ଅଜାମ୍ବର ମହାନ୍ତିଙ୍କ ସହ ଗ୍ରାମର ଜୟରାମ ବେହେରା, ୱାର୍ଡ ସଭ୍ୟ ଉମାକାନ୍ତ ବେହେରାଙ୍କ ସହ ଗ୍ରାମର ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

# ରଥଯାତ୍ରା ଉପଲକ୍ଷେ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀର ଶୁଭଉଦ୍‌ଘାଟନ

ପୁରୀ,୧୭।୭:ପବିତ୍ର ରଥଯାତ୍ରା ୨୦୨୬ ଉପଲକ୍ଷେ ପୁରୀ ବଡଦାଣ୍ଡର ବଡ଼ଶଙ୍ଖ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏକ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ ଆୟୋଜନ କରାଯାଇଛି । ଏଥିରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନା, ଡେଙ୍ଗୁ ଓ ଡାଇରିଆ ନିରାକରଣ,ଟିବି ମୁକ୍ତ ଭାରତ ଅଭିଯାନ, ସଂକ୍ରାମକ ରୋଗ, ଅଣସଂକ୍ରାମକ ରୋଗ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତଥା ସ୍ୱାସ୍ଥ୍ୟ ଆଧାରିତ ଅନେକ ଯୋଜନା ଉପରେ ସଚେତନତା ବାର୍ତ୍ତା। ସମ୍ବନ୍ଧିତ ଭିଡ଼ିଓ ପ୍ରଦର୍ଶିତ କରାଯାଉଛି । ଏହି ପ୍ରଦର୍ଶନୀକୁ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର



କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀ ନଅ ଦିନ ବ୍ୟାପି ଚାଲୁ ରହିବା ସହିତ ଏଲଇଡି ସୋ ମାଧ୍ୟମରେ ଅନେକ ସ୍ୱାସ୍ଥ୍ୟ ସଚେତନତା ଭିଡ଼ିଓର ପ୍ରଦର୍ଶନ କରାଯିବ ।ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ,ଭୁବନେଶ୍ୱରର ନିର୍ଦ୍ଦେଶକ ଡାକ୍ତର ସୁକାନ୍ତ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥି,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଜୁ ଦାସ,ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ତଥା ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଓ ସହରାଂଚଳର ଆଶା କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ବେଣୁଧର ନାୟକ ଅତିରକ୍ତ ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଓ ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ କୁମାର ପଣ୍ଡା ଏହି ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହକୁ ପରିଚାଳନା କରିବା ସହିତ ନଅଦିନ ବ୍ୟାପି କାର୍ଯ୍ୟକ୍ରମକୁ ମଧ୍ୟ ତଦାରଖ କରିବେ।

## ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସତ୍ୟସାଇ ସେବା ସମିତି କାର୍ଯ୍ୟକ୍ରମ



ରାଉରକେଲା,: ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ସତ୍ୟସାଇ ସେବା ସମିତି ପକ୍ଷରୁ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା। ସେକ୍ଟର ୨ ସ୍ଥିତ ସମିତିର ମୁଖ୍ୟ ଇଂ ଗୋପିନାଥ ପଟ୍ଟନାୟକ ଓ ବନ୍ଦନା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବା ସମିତିର ଜିଲ୍ଲା ସଭାପତି ନିଳାମ୍ବର ମିଶ୍ର,ବିଜୟ କୁମାର ମହାପାତ୍ର, ପ୍ରାକ୍ତନ ସଭାପତି ଆନନ୍ଦ ଆଚାର୍ଯ୍ୟ, ତ୍ରିଲୋଚନ ରାଉତ,ପି ଏମ୍ କେ ପାତ୍ର,ଡ ହୃଷିକେଶ ନାଏକ,ଚିନ୍ମୟାନନ୍ଦ ପାତ୍ର,ଅନାଥ ରାଉତ,ଦୁର୍ଗାମାଧବ ମିଶ୍ର, ଲୋପାମୁଦ୍ରା ରାଉତ, ପ୍ରଜ୍ଞା ପରମିତା ଦାସ, ଅର୍ପିତା ସାହୁ, ଲୀନା ରାଉତ, ସୁଲୋଚନା ମହାନ୍ତି, ମମତା ରାଉତରାୟ, ଶିଳ୍ପୀ ମହାନ୍ତି,ପି ପି ରାୟ, ଡିମ୍ପଲ ସାହୁ, ସୁକାନ୍ତ ଖୁଣ୍ଟିଆ , ଡ ଶକ୍ତି ପ୍ରସାଦ ସାମନ୍ତରାୟ,ପି କେ ସାହୁ, ପ୍ରମୁଖଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଗରିବ ପରିବାରଙ୍କୁ ସମିତି ସଭ୍ୟ ଧ୍ରୁବଙ୍କ ଆର୍ଥିକ ସହାୟତା



ଗଞ୍ଜାମ ,:ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ପଂଚାୟତ ର ସମିତି ସଭ୍ୟ ତଥା ହୁମା ବିଜେପି ମଣ୍ଡଳ ସଭାପତି ଧ୍ରୁବ ଚରଣ ପଲାଇ ତାଙ୍କର ସହଯୋଗ ଓ ସାହାଯ୍ୟ କାର୍ଯ୍ୟଧାରା ପାଇଁ ତାଙ୍କୁ ବିଭିନ୍ନ ମହଲ ରୁ ଭୁୟସୀ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳିଛି । ଗୋଟିଏ ଗରିବ ପରିବାର ଝିଅ ବିବାହ ଏବଂଜଣେ ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ନିଜ ଦରମାରୁ କରିଥିବା ଦେଖିବାକୁ ମିଳିଛି । ପୂର୍ବରୁ ମଧ୍ୟ ସେ ଏହି କାର୍ଯ୍ୟଧାରା ଚାଲୁ ରଖିଥିବା ଜଣାପଡୁଛି । ଗଞ୍ଜାମ ବ୍ଲକଅନ୍ତର୍ଗତ ହୁମା ପଞ୍ଚାୟତ କଳୟମୁନା ଗ୍ରାମର ଗୋଟିଏ ଗରିବ ପରିବାର ଚୌଦିରି ମାଳିଙ୍କ ଝିଅ ପୁଷ୍ପା ମାଳୀଙ୍କ ବିବାହ ନିମନ୍ତେ ସମିତି ସଭ୍ୟ ଦରମାରୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏହି ଶୁଭ କାର୍ଯ୍ୟ ପାଇଁ ମଙ୍ଗଳ କାମନା କରିଥିଲେ। ସେହିପରି ଉକ୍ତ ପଞ୍ଚାୟତ ବଳଦିଆୀହ ଗ୍ରାମର ନେତ୍ର ଦାସଙ୍କ ଦେହାନ୍ତ ଖବର ପାଇତାଙ୍କ ଶୋକ ସନ୍ତକ ପରିବାର କୁ ସମବେଦନା ଜଣାଇବା ସହ ନିଜସ୍ୱ ଦରମାରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।ସହାୟତା ପ୍ରଦାନ ବେଳେ ଗ୍ରାମବାସୀ ଉପସ୍ଥିତ ଥିଲେ । ସମିତି ସଭ୍ୟ ଧ୍ରୁବଙ୍କ ଏହି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି । ନିର୍ବାଚିତହେବା ପରଠାରୁ ସବୁବେଳେ ନିଜ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ଆସିଛନ୍ତି।

## ଚିଲିକାର ନୀଳ ଜଳରାଶୀରେ ଭିନ୍ନ ଏକ ନୌକା ରଥ ଯାତ୍ରା



ଚିଲିକା:ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ନଈରୀ ଗ୍ରାମ ନିକଟ କାଙ୍କଣ ଶିଖରୀ ଦ୍ୱିପରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ର ନୀଳ ଜଳରାଶିରେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କର ଡ଼ଙ୍ଗା ମାଧ୍ୟମରେ ଏକ ଭିଉ ପ୍ରକାରର ରଥ ଯାତ୍ରା ଆୟୋଜିତ ହୋଇଯାଇଛି। ସମଗ୍ର ବିଶ୍ୱରେ ସ୍ଥଳ ପଥରେ ରଥ ଯାତ୍ରା ହେଉଥିବା ବେଳେ ଚିଲିକା ର କାଙ୍କଣ ଶିଖରୀରେ ଜଳରାଶିରେ ରଥଯାତ୍ରା ହେଉଅଛି। ଇତିହାସରେ ଅଛି ଯବନ ତକି ଖାଁ ପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିବା ବେଳେ ପ୍ରଭୁ ଜଗନ୍ନାଥ ଏହି କାଙ୍କଣ ଶିଖରୀରେ ଗୁପ୍ତ ଭାବରେ ଲୀଳା କରିଥିଲେୟ ଯେଉଁ ସ୍ଥାନ ଏକ ଦ୍ୱୀପ ଏବଂ ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଥିଲାୟ ସେହି ସମୟରେ ଉକ୍ତ ସ୍ଥାନରେ କେବଳ କାଙ୍କଣ ଫଳ ଫଳୁଥିଲା ଯାହା ଫଳରେ ପ୍ରଭୁଙ୍କୁ କାଙ୍କଣ ଫଳ ପାକ କରି ଭୋଗ ଲାଗି କରାଯାଇଥିଲା। ସେହି ଦିନ ଠାରୁ ଏହା କାଙ୍କଣ ଶିଖରୀ ଭାବରେ ପରିଚିତୟ ଜଗନ୍ନାଥ ସଂସ୍କୃତି ଅନୁସାରେ ପ୍ରଭୁ ଜଗନ୍ନାଥଙ୍କର ରୀତିନୀତି ଏବଂ ପୂଜାପଦ୍ଧତି ସେହି ଦିନ ଠାରୁ ଏଠାରେ ହୋଇଆସୁଛି। ଏହି ପରିପ୍ରେକ୍ଷିରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଥ ଯାତ୍ରା ଆଜି ଚିଲିକା ର ନୀଳ ଜଳରାଶୀ ରେ ନୌକା ସ୍ୱରୂପେ ରଥ ମାଧ୍ୟମ ରେ ହୋଇଥିଲା। ତିନିଠାକୁର ଙ୍କ ପହଣ୍ଡି ପରେ ଡ଼ଙ୍ଗା ମାଧ୍ୟମରେ ଜଳରାଶିରେ କାଙ୍କଣ ଦ୍ୱୀପ ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ଏହି ରଥ ଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଭକ୍ତ ଭିନ୍ନ ଭିନ୍ନ ଅଞ୍ଚଳରୁ ଆସି ପ୍ରଭୁ ଙ୍କ ଏହି ମାନବୀୟ ଲୀଳା ସ୍ୱରୂପେ ଏହି ରଥ ଯାତ୍ରା କୁ ଦର୍ଶନ କରି ନିଜକୁ ସୌଭାଗ୍ୟ ମଣିଛନ୍ତି ।ଏହି ନିଆରା ରଥଯାତ୍ରାରେ ପ୍ରଭୁଙ୍କ ସେବକ ସୁଶାନ୍ତ କୁମାର ସାହୁ, ଏବଂ ନଈରି ଗ୍ରାମବାସୀ,ଓ ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଏଥି ସଙ୍ଗେ ବିଭିନ୍ନ ପଦାଧିକାରୀ ଯଥା ଖୋର୍ଦ୍ଧା ଉପଜିଲ୍ଲାପାଳ , ଡ଼ିଏଫଓ ଅମ୍ଳାନ କୁମାର ନାୟକ,, ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ,ଚିଲିକା ବିଡ଼ିଓ ପୁନମ ମହାପାତ୍ର,ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର ,ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଇସ୍ପାତ ମାର୍କେଟ ବ୍ୟବସାୟୀ ସଂଘ ତରଫରୁ କନିକା ପ୍ରସାଦ ବିତରଣ



ରାଉରକେଲା,:ପବିତ୍ର ରଥଯାତ୍ରା ଉପଲକ୍ଷେ ଇସ୍ପାତ ମାର୍କେଟ ବ୍ୟବସାୟୀ ବୃନ୍ଦଙ୍କ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆମ୍ବାଗାନ ଛକ ନିକଟରେ କନିକା ପ୍ରସାଦ, ବିଶୁଦ୍ଧ ପାନୀୟ ଜଳ ବଣ୍ଟନ ତଥା ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ ଅଧ୍ୟକ୍ଷତା ଓ ପ୍ରାକ୍ତନ ସଭାପତି ଶଙ୍କର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁରଲୀଧର ମିଶ୍ର, ବିଜୟ ତ୍ରିପାଠୀ, ଅଶୋକ ଦାସ, ସରୋଜ ଖଟୁଆ, ସୁଶିଲ ଅଗ୍ରୱାଲ,ଅଜୟ ବେହେରା, ଦୁଃଶାସନ ସାହୁ, ଶ୍ୟାମସୁନ୍ଦର ସ୍ୱାଇଁ, ପ୍ରିୟବ୍ରତ ସାମଲ, ଶିଶିର ମହାପାତ୍ର, ମୁରଲୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ, ପ୍ରହଲ୍ଲାଦ ଜେନା ତଥା ମାର୍କେଟର ବହୁ ବ୍ୟବସାୟୀ ବୃନ୍ଦ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ କନିକା ପ୍ରସାଦ ବିତରଣ ସହ ଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ।

## ଶିଶୁ ଦୁଷ୍କର୍ମ ପୀଡ଼ିତାଙ୍କ ଚିକିତ୍ସାରେ ଅବହେଳା: ଘରୋଇ ହସ୍ପିଟାଲକୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ଗାଜିଆବାଦରେ ୪ ବର୍ଷର ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ସମୟମତେ ଚିକିତ୍ସା ନ ମିଳିବାରୁ ମୃତ୍ୟୁ ଘଟିଥିବା ମାମଲାରେ ସୁପ୍ରିମ୍‌କୋର୍ଟ ଦୁଇଟି ଘରୋଇ ହସ୍ପିଟାଲ ଏବଂ ସେଠାକାର ଡାକ୍ତରମାନଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଗରିବ ହୋଇଥିବାରୁ ଶିଶୁଟିକୁ ଅବହେଳା କରାଯାଇଥିଲା। ଏଭଳି କାମ କରୁଥିଲେ ନିଜ ନାମ ଆଗରେ 'ଡାକ୍ତର' ଲେଖିବାର ଅଧିକାର ନାହିଁ।

ଚଳିତ ବର୍ଷ ମାର୍ଚ୍ଚ ୧୬ରେ ଏହି ଘଟଣା ଘଟିଥିଲା। ଅଭିଯୋଗ ଅନୁସାରେ, ଜଣେ ପଡ଼ୋଶୀ ଚକୋଲେଟ୍ କିଣିଦେବାର ପ୍ରଲୋଭନ ଦେଖାଇ ଶିଶୁଟିକୁ ଘରୁ ନେଇଯାଇ ଦୁଷ୍କର୍ମ କରିଥିଲା। ପରେ ସେ ରକ୍ତାକ୍ତ ଓ ଅଚେତ ଅବସ୍ଥାରେ ମିଳିଥିଲା। ପରିବାର ଲୋକ ପ୍ରଥମେ ଦୁଇଟି ଘରୋଇ ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ଭର୍ତ୍ତି କରାଯାଇ ନ ଥିଲା। ପରେ ଜିଲ୍ଲା ହସ୍ପିଟାଲକୁ ନେବା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶିଶୁଟିର ବାପା କହିଥିଲେ, ଘଟଣାସ୍ଥଳରୁ ଉଦ୍ଧାର ପରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସେ ବଞ୍ଚିଥିଲା ଏବଂ ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ତା'ର ଜୀବନ ବଞ୍ଚିପାରିଥାନ୍ତା। ସୁପ୍ରିମ୍‌କୋର୍ଟ ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ମଧ୍ୟ ଏହି ଅଭିଯୋଗରେ ସତ୍ୟତା ଥିବା କହିଛି।

ଶୁଣାଣି ବେଳେ ପ୍ରଧାନ ବିଚାରପତି କହିଥିଲେ, ଯଦି ହସ୍ପିଟାଲରେ ଆବଶ୍ୟକ ସୁବିଧା ନ ଥିଲା, ତେବେ ଶିଶୁଟିକୁ ଅନ୍ୟ ହସ୍ପିଟାଲକୁ ପହଞ୍ଚାଇବାର ବ୍ୟବସ୍ଥା କରିବା ଉଚିତ ଥିଲା। ସମ୍ବେଦନଶୀଳତାର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଛି। ଦଣ୍ଡ ସ୍ୱରୂପ ପୀଡ଼ିତାଙ୍କ ପରିବାରକୁ ସ୍ୱେଚ୍ଛାକୃତ ଆର୍ଥିକ ସହାୟତା ଦେବାକୁ ହସ୍ପିଟାଲଗୁଡ଼ିକୁ କୁହାଯାଇଛି। ତାହା ନ କଲେ ଆଦାଲତ ଖର୍ଚ୍ଚ ଆଦାୟ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମାମଲାରେ ସ୍ଥାନୀୟ ପୁଲିସର ଭୂମିକାକୁ ନେଇ ମଧ୍ୟ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବାର ପକ୍ଷରୁ ତୁରନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନ ଥିଲା। ବରଂ ପରିବାର ସହ ଅସଦ୍‌ବ୍ୟବହାର କରାଯାଇଥିବା ଅଭିଯୋଗ ରହିଛି। ପରେ ବିବାଦ ବଢ଼ିବା ପରେ ମାର୍ଚ୍ଚ ୧୭ରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲା ଏବଂ ପରଦିନ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତେବେ ଏଫ୍‌ଆଇଆର୍‌ରେ ପୋକ୍ସୋ ଆଇନ ଓ ଦୁଷ୍କର୍ମ ସମ୍ପର୍କିତ ଧାରା ଉଲ୍ଲେଖ ନ ଥିବାକୁ ମଧ୍ୟ ଆଦାଲତ ଏହାକୁ ଗୁରୁତର ବିଷୟ ବୋଲି ଦର୍ଶାଇଛନ୍ତି।

## ଇସ୍ରୋ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ଅବସର ଓ ଇସ୍ତଫା ଉପରେ ସରକାରଙ୍କ ରୋକ୍

ନୂଆଦିଲ୍ଲୀ : ଗଗନଯାନ ମିଶନକୁ ଲାଗିବନି ଝଟକା । ଓ୫ଜଙ୍ଗ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ଅବସର ଓ ଇସ୍ତଫା ଉପରେ ସରକାରଙ୍କ ରୋକ୍ । ମହାକାଶ ବିଭାଗ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ, ଗଗନଯାନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରୋଜେକ୍ଟରେ ସାମିଲ ଥିବା ଓ୫ଜଙ୍ଗ ର ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀମାନଙ୍କ ସ୍ୱେଚ୍ଛାକୃତ ଅବସର କିମ୍ବା ଇସ୍ତଫା ପତ୍ରକୁ ଏବେ ସହଜରେ ଗ୍ରହଣ କରାଯିବ ନାହିଁ । ଗଗନଯାନ ଭଳି ଦେଶର ସମ୍ମାନଜନକ ଓ ଅତି ଗୁରୁତ୍ୱପୂର୍ଣ୍ଣ ମିଶନରେ କାମ କରୁଥିବା ଗ୍ରୁପ୍ 'ଇ' ସ୍ତରର ଅନେକ ବୈଜ୍ଞାନିକ ଓ ବୈଷୟିକ ବିଶେଷଜ୍ଞ ଚାକିରି ଛାଡ଼ିବାକୁ ଆବେଦନ କରୁଛନ୍ତି । ଘରୋଇ ସେକ୍ଟରରେ ଚାହିଦା ବଢୁଥିବାରୁ ଏଭଳି ଟ୍ରେଣ୍ଡ ଦେଖିବାକୁ ମିଳିଛି । ଏହା ଦ୍ୱାରା ଦେଶର ପ୍ରକଳ୍ପ କାମ ବାଧାପ୍ରାପ୍ତ ହେଉଥିବାରୁ ସରକାର ଏହି କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି ।

ଗଗନଯାନ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମିଶନ ଶେଷ ନହେବା ପର୍ଯ୍ୟନ୍ତ ଏହି କର୍ମଚାରୀମାନଙ୍କ ଇସ୍ତଫା କିମ୍ବା ୦ଜ୫ ଆବେଦନକୁ ସାଧାରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଓ୫ଜଙ୍ଗ ର କୌଣସି ସେଣ୍ଟର ଡିରେକ୍ଟର କିମ୍ବା ୟୁନିଟ୍ ହେଡ୍ ନିଜ ଆଡୁ ଏହି ଇସ୍ତଫା ଗ୍ରହଣ କରିପାରିବେ ନାହିଁ । ଏହି ସବୁ ଆବେଦନକୁ ନିଜ ସୁପାରିଶ ସହ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ବିଭାଗ ପାଖକୁ ପଠାଇବାକୁ ହେବ ।

ଏହି ନୂଆ ନିୟମ ବୈଜ୍ଞାନିକ, ଇଞ୍ଜିନିୟର-୫ଏ କିମ୍ବା ଏହାର ସମକକ୍ଷ (ପେ-ଲେଭଲ୍ ୧୩ଇ) ପର୍ଯ୍ୟନ୍ତ କର୍ମଚାରୀଙ୍କ ପାଇଁ ଲାଗୁ ହେବ । ମହାକାଶ ବିଭାଗର ଯୁଗ୍ମ ସଚିବ ଏସ୍.ଆର୍. ରାଜଶେଖରଙ୍କ ଦ୍ୱାରା ଏହି ଅଫିସ୍ ମେମୋରାଣ୍ଡମ୍ ଜାରି କରାଯାଇଛି । ଗଗନଯାନ ହେଉଛି ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ, ଯାହା ମାଧ୍ୟମରେ ଭାରତୀୟ ମହାକାଶଚାରୀଙ୍କୁ ମହାକାଶକୁ ପଠାଯିବାର ଯୋଜନା ରହିଛି । ଏହି ସମୟରେ ଅଭିଜ୍ଞ ବୈଜ୍ଞାନିକମାନଙ୍କୁ ସଂସ୍ଥାରେ ଧରି ରଖିବା ମିଶନର ସଫଳତା ଏବଂ ସମୟ ସୀମା ପାଇଁ ଅତ୍ୟନ୍ତ ଜରୁରୀ । ଦେଶର ଏହି ମେଗା ପ୍ରୋଜେକ୍ଟକୁ କୌଣସି ପ୍ରକାର ବାଧାବିଘ୍ନରୁ ରକ୍ଷା କରିବା ପାଇଁ ସରକାର ଏହି ସକ୍ରିୟ ପ୍ରଶାସନିକ ପଦକ୍ଷେପ ନେଇଛନ୍ତି ।

## ଏୟାର ଇଣ୍ଡିଗୋ ବିମାନର ବୋମା ଧମକ



ଅହମ୍ମଦାବାଦ : କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରୁ ଅହମ୍ମଦାବାଦ ଅଭିମୁଖେ ଉଡ଼ାଣ ଭରିବାକୁ ଥିବା ଏୟାର ଇଣ୍ଡିଗୋ ବିମାନର ୱାଶରୁମରୁ ମିଳିଲା ଧମକପୂର୍ଣ୍ଣ ଚିଠି । ମିଳିଥିବା ଚିଠିରେ ବୋମା ଥିବା ସୂଚନା ମିଳିଛି । ଯାହା ଉଡ଼ାଣ ଭିତରେ ଉତ୍ତେଜନା ସୃଷ୍ଟି କରିଥିଲା । ହେଲେ ତଦନ୍ତ ସତ୍ତ୍ୱେ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା ବୋଲି ପୋଲିସ ଅଭିଯୋଗ କରିଛି । ସୂଚନାନୁଯାୟୀ, ଗୁରୁବାର ଦିନ ରାତି ୮ଟାରେ ବେଙ୍ଗାଲୁରୁରୁ ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ ଇଣ୍ଡିଗୋ ବିମାନର ୱାଶରୁମରେ ଏକ ଚିଟ୍ ମିଳିଥିଲା । ଯାହା ବୋମା ଧମକ ନୋଟ୍ ଥିଲା । ଯେଉଁଥିରେ ଲେଖାଯାଇଥିଲା ଯେ, ଡୋଣ୍ଟ ଗୋ, ବମ୍ ହୈ, ପ୍ଲିଜ୍ । ଏହି ନୋଟ୍ ମିଳିବା ପରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଏଥିସହ ବିମାନଟିକୁ ତୁରନ୍ତ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା ଏବଂ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରାଯାଇଥିଲା । ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା । ବୋମା ଧମକ ମିଥ୍ୟା ଥିଲା ବୋଲି ସ୍ପଷ୍ଟ ହୋଇଛି । ଏହା ବ୍ୟତୀତ ଉଡ଼ାଣର ବିଳମ୍ବ ହେବାରୁ ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ କରିବାକୁ ପଡିଥିଲା । ଇଣ୍ଡିଗୋ ଏହି ଘଟଣା ସମ୍ପର୍କରେ ଏକ ପୋଲିସ ଅଭିଯୋଗ ଦାଖଲ କରିଛି ଏବଂ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

## ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନ, ସରକାର ଆପଣାଇପାରନ୍ତି ଇରୋମ ଶର୍ମିଲାଙ୍କ ଭଳି ଉପାୟ !



ନୂଆଦିଲ୍ଲୀ : ସାମାଜିକ କର୍ମୀ ତଥା ଜଳବାୟୁ ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କ ଅନଶନ ୨୦ ଦିନରେ ପହଞ୍ଚିଛି । ଏହାରି ଭିତରେ ତାଙ୍କ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି । ୨୦ ଦିନ ଭିତରେ ୯ କିଲୋଗ୍ରାମ ଓଜନ କମିସାରିଲାଣି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଉଛି । ଦୀଘର୍ଦିନରୁ ଭୋକିଲା ରହିବା ଯୋଗୁଁ ୱାଙ୍ଗଚୁକଙ୍କ ବିଭିନ୍ନ ଅଙ୍ଗ ଗୁରୁତର ଭାବେ ପ୍ରଭାବିତ ହୋଇପାରେ ବୋଲି ଡାକ୍ତର କହିଛନ୍ତି । ଦିଲ୍ଲୀ ହାଇକୋର୍ଟ ପ୍ରତିଦିନ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ୱାଙ୍ଗଚୁକ୍ ନିଜ ଜିଦରେ ଅଟଳ ରହିଛନ୍ତି । ଖବର ମୁତାବକ, ବିଭିନ୍ନ ପରୀକ୍ଷାରେ ଅନିୟମିତତା ତଥା ନିଟ୍ ପ୍ରଶ୍ନପତ୍ର ଲିକକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଅନଶନ କରିଛନ୍ତି ୱାଙ୍ଗଚୁକ୍ । କକ୍ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଅନଶନ ଭାଙ୍ଗିବାକୁ ଅନୁରୋଧ କରିବା ସହିତ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେଉଥିବା କହିଛନ୍ତି । ଜୁନ୍ ୨୮ ତାରିଖରେ ଅନଶନ ଆରମ୍ଭ କରିବା ପରଠାରୁ ୱାଙ୍ଗଚୁକ୍ ୯ କିଲୋରୁ ଅଧିକ ଓଜନ ହ୍ରାସ ହୋଇଛି । ଏବେ ୱାଙ୍ଗଚୁକଙ୍କ ପାଇଁ ବିଭିନ୍ନ ମହଲରେ ସମର୍ଥନ ବଢ଼ିବାରେ ଲାଗିଛି । ସେପଟେ ସୋନମ ନିଜ ଜିଦ ଉପରେ ଅଡି ବସିଛନ୍ତି । ସୋନମ ଏନେଇ ଆମରଣ ଅନଶନ କରୁଛନ୍ତି । କୋର୍ଟ ସୋନମଙ୍କ ଜୀବନ ବଞ୍ଚାଇବା ପାଇଁ ପରାମର୍ଶ ଦେଇଛନ୍ତି । ସୋନମଙ୍କୁ ବଞ୍ଚାଇବା ପାଇଁ ସରକାର ମାନବାଧିକାର କର୍ମକର୍ତ୍ତା ଇରୋମ ଶର୍ମିଲାଙ୍କ ଉପାୟ ଆପଣାଇପାରେ । ସେ ୧୬ ବର୍ଷ ଧରି ଲଗାତାର ଆମରଣ ଅନଶନ କରିଥିଲେ ।

## ଟ୍ରମ୍ପଙ୍କ ଘୋଷଣା: ଅବୈଧ ପ୍ରବାସୀ ଟ୍ରକ୍ ଚାଳକଙ୍କ ସ୍ଥାନରେ ନିଯୁକ୍ତ ହେବେ ପୂର୍ବତନ ସୈନିକ




ୱାସିଂଟନ: ଆମେରିକାରେ ଅବୈଧ ଭାବେ ରହୁଥିବା ଟ୍ରକ୍ ଚାଳକଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ସେ କହିଛନ୍ତି, ଅବୈଧ ପ୍ରବାସୀ ଟ୍ରକ୍ ଚାଳକଙ୍କ ସ୍ଥାନରେ ଆମେରିକାର ପୂର୍ବତନ ସୈନିକମାନଙ୍କୁ ନିଯୁକ୍ତ କରାଯିବ। ସେ ?ନ୍ୟବାହିନୀରେ ଭାରୀ ଯାନ ଚଳାଇଥିବା ପୂର୍ବତନ ସୈନିକମାନଙ୍କୁ ସିଧାସଳଖ ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ (ସିଡିଏଲ୍) ପାଇବାର ସୁବିଧା ଦିଆଯିବ। ପେନସିଲଭାନିଆରେ ଘଟିଥିବା ଏକ ସଡ଼କ ଦୁର୍ଘଟଣା ପରେ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଜୁଲାଇ ୧ରେ ଘଟିଥିବା ଏହି ଘଟଣାରେ ଏକ ବାଣିଜ୍ୟିକ ଟ୍ରକ୍ ଧକ୍କାରେ ପୁଲିସ ଅଧିକାରୀ ମାଇକେଲ୍ ଇ. ପାହିରା ଜୁନିୟରଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ୍ ଚାଳକଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରାଯାଇଛି। ଟ୍ରମ୍ପଙ୍କ ଅଭିଯୋଗ ହେଉଛି, ଅନେକ ଅବୈଧ ପ୍ରବାସୀ ଟ୍ରକ୍ ଚାଳକ ସଡ଼କ ସଙ୍କେତ ପଢ଼ିପାରୁ ନାହାନ୍ତି ଏବଂ କେତେକ କ୍ଷେତ୍ରରେ ମାଦକ କିମ୍ବା ମଦ୍ୟପାନର ପ୍ରଭାବରେ ଗାଡ଼ି ଚଳାଉଛନ୍ତି। ଏଭଳି ଚାଳକମାନେ ଆମେରିକାର ସଡ଼କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛନ୍ତି। ତେଣୁ ଅବୈଧ ଭାବେ ଦେଶରେ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଟ୍ରକିଂ କ୍ଷେତ୍ରରେ ଆମେରିକୀୟ ପୂର୍ବତନ ସୈନିକଙ୍କୁ ସୁଯୋଗ ଦିଆଯିବ। ଏହି ନିଷ୍ପତ୍ତିର ପ୍ରଭାବ ଭାରତୀୟ ମୂଳର ଟ୍ରକ୍ ଚାଳକଙ୍କ ଉପରେ ମଧ୍ୟ ପଡ଼ିପାରେ। ଉତ୍ତର ଆମେରିକୀୟ ପଞ୍ଜାବୀ ଟ୍ରକର୍ସ ସଂଗଠନର ଆକଳନ ଅନୁଯାୟୀ, ଆମେରିକାରେ ପଞ୍ଜାବ ଓ ହରିୟାଣାରୁ ଯାଇଥିବା ପ୍ରାୟ ୧.୩ ଲକ୍ଷରୁ ୧.୫ ଲକ୍ଷ ଭାରତୀୟ ମୂଳର ଟ୍ରକ୍ ଚାଳକ କାର୍ଯ୍ୟରତ ଅଛନ୍ତି। ସମସ୍ତଙ୍କ ଉପରେ ଏହି ନିଷ୍ପତ୍ତିର ପ୍ରଭାବ ପଡ଼ିବ ନାହିଁ, କିନ୍ତୁ ଅବୈଧ ଭାବେ ରହୁଥିବା କିମ୍ବା କାଗଜପତ୍ର ଯାଞ୍ଚରେ ସମସ୍ୟା ଥିବା ଚାଳକମାନେ ଅଧିକ ଯାଞ୍ଚ ଓ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି।

## ଏନ୍‌ଡିଏ ସଂସଦୀୟ ଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ'



ନୂଆଦିଲ୍ଲୀ : ଜୁଲାଇ ୨୦ ତାରିଖରେ ସଂସଦର ମେସୁମୀ ଅଧିବେଶନ ଆରମ୍ଭ ହେବ। ଜୁଲାଇ ୨୧ ତାରିଖ ସକାଳ ୯.୩୦ରେ ସଂସଦ ଭବନରେ ଏନ୍‌ଡିଏ ସଂସଦୀୟ ଦଳ ବେଠକ ରହିଛି। ତେବେ ଏଣିକି ଏନ୍‌ଡିଏସଂସଦୀୟ ଦଳ ବେଠକର ନାଁ ରହିବ 'ମଙ୍ଗଳ ମିଳନ'। ସଂସଦ ଅଧିବେଶନ ସମୟରେ ପାରମ୍ପରିକ ଭାବେ ମଙ୍ଗଳବାର ହେଉଥିବା ବେଠକକୁ ସଂସଦୀୟ ଦଳ ବୈଠକ କୁହାଯାଏ। ଏହି ବେଠକର ଏବେ ନୂଆ ନାଁ ରହିବ 'ମଙ୍ଗଳ ମିଳନ'। ସରକାରୀ ସୂତ୍ର ଅନୁଯାୟୀ ରଣନୀତିଜ୍ଞମାନେ ଏବେ ପୂର୍ଣ୍ଣ ବିଶ୍ୱସ୍ତ ଯେ ଶାସକ ମେଣ୍ଟର ଗୃହରେ ଆବଶ୍ୟକୀୟ ସଂଖ୍ୟା ରହିଛି। ଯେତେବେଳେ ଆବଶ୍ୟକ ପଡ଼ିବ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ବିଲ୍ ଗୃହୀତ କରିବାପାଇଁ ମଧ୍ୟ ଏନ୍‌ଡିଏ ମେଣ୍ଟ ପାଖରେ ସଂଖ୍ୟା ରହିଛି। ନିକଟରେ ଏନ୍‌ସିପିସିଆଇରେ ଯୋଗ ଦେଇଥିବା ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସରକାରୀ ସ୍ୱୀକୃତି ମିଳିବ। ଯଦି ସେମିତି ହୁଏ ସର୍ବ ଦଳୀୟ ବେଠକକୁ ମଧ୍ୟ ଉକ୍ତ ଦଳକୁ ନିମନ୍ତ୍ରଣ କରାଯିବ। ଅନ୍ୟପକ୍ଷେ ଆଜି ଦିନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଏକ ଉଚ୍ଚ ସ୍ତରୀୟ ବେଠକ କରିଛନ୍ତି । ଆସନ୍ତା ମେସୁମୀ ଅଧିବେଶନରେ ଏନ୍‌ଡିଏର ରଣନୀତି କ'ଣ ରହିବ ସେନେଇ ଏହି ବେଠକରେ ଆଲୋଚନା ହୋଇଛି।

## ଭାରତ-ଚୀନ୍ ସାମରିକ ସନ୍ତୁଳନରେ ବଡ଼ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ: ଭବିଷ୍ୟତରେ ଭାରତ ଓଚୀନ୍ ମଧ୍ୟରେ କୌଣସି ସାମରିକ ସଂଘର୍ଷ ହେଲେ ଷ୍ଟେଲ୍‌ଥ ଯୁଦ୍ଧ ବିମାନ କ୍ଷେତ୍ରରେ ଥିବା ବ୍ୟବଧାନ ନିର୍ଣ୍ଣାୟକ ହୋଇପାରେ। ଏକ ବିଶ୍ଳେଷଣରେ କୁହାଯାଇଛି ଯେ, ଚୀନ୍ ପାଖରେ ବର୍ତ୍ତମାନ ଶହ ଶହ ଷ୍ଟେଲ୍‌ଥ ଯୁଦ୍ଧ ବିମାନ ଥିବାବେଳେ ଭାରତୀୟ ବାୟୁସେନା ପାଖରେ ଏପର୍ଯ୍ୟନ୍ତ ଗୋଟିଏ ବି ଷ୍ଟେଲ୍‌ଥ ଯୁଦ୍ଧ ବିମାନ ନାହିଁ। ଏହି ବ୍ୟବଧାନ ଭାରତ ପାଇଁ ରଣନୈତିକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ରିପୋର୍ଟ ଅନୁସାରେ, ଚୀନ୍‌ର ବାୟୁସେନା ପାଖରେ ବର୍ତ୍ତମାନ ୩୦୦ରୁ ଅଧିକ ଜେ-୨୦ ଷ୍ଟେଲ୍‌ଥ ଯୁଦ୍ଧ ବିମାନ ରହିଛି। ଏହାଛଡ଼ା ଜେ-୩୫ ପରି ନୂଆ ପିଢ଼ିର ଷ୍ଟେଲ୍‌ଥ ବିମାନର ବିକାଶ ମଧ୍ୟ ଦ୍ରୁତ ଗତିରେ ଚାଲିଛି। ଅନ୍ୟପକ୍ଷରେ, ଭାରତ ଏପର୍ଯ୍ୟନ୍ତ ରାଫେଲ, ସୁଖୋଇ-୩୦ ଏମ୍‌କେଆଇ ଓ ତେଜସ ପରି ଚତୁର୍ଥ ଓ ସାଢ଼େ ଚତୁର୍ଥ ପିଢ଼ିର ଯୁଦ୍ଧ ବିମାନ ଉପରେ ନିର୍ଭର କରୁଛି। ଭାରତ ନିଜସ୍ୱ ପଞ୍ଚମ ପିଢ଼ିର ଆଡ୍‌ଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ପ୍ରକଳ୍ପ ଉପରେ କାମ କରୁଛି। ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଥିବାବେଳେ ପ୍ରଥମ ପ୍ରୋଟୋଟାଇପ୍ ଆସନ୍ତା କିଛି ବର୍ଷ ମଧ୍ୟରେ ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି। ତେବେ ଏହାକୁ ବାୟୁସେନାରେ ସାମିଲ କରିବାକୁ ଆହୁରି ସମୟ ଲାଗିବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଷ୍ଟେଲ୍‌ଥ ବିମାନ ଶତ୍ରୁ ରାଡାରରେ ସହଜରେ ଧରାପଡ଼େ ନାହିଁ। ଏହି କାରଣରୁ ସେଗୁଡ଼ିକ ଆକ୍ରମଣ ଓ ପ୍ରତିରକ୍ଷା ଉଭୟ କ୍ଷେତ୍ରରେ ସୁବିଧାରେ ଥାନ୍ତି। ଚୀନ୍‌ର ବଢୁଥିବା ଷ୍ଟେଲ୍‌ଥ କ୍ଷମତାକୁ ଦୃଷ୍ଟିରେ ରଖି ଭାରତକୁ ଏଏମ୍‌ସିଏ ପ୍ରକଳ୍ପରେ ଗତି ଆଣିବା ସହ ଆବଶ୍ୟକ ହେଲେ ବିଦେଶରୁ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ କିଣିବା ବିକଳ୍ପ ଉପରେ ମଧ୍ୟ ବିଚାର କରିବାକୁ ପଡ଼ିପାରେ। ତେବେ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, କେବଳ ଷ୍ଟେଲ୍‌ଥ ବିମାନ ସଂଖ୍ୟା ହିଁ ଯୁଦ୍ଧର ଫଳାଫଳ ନିର୍ଣ୍ଣୟ କରେନାହିଁ। ପାଇଲଟଙ୍କ ଦକ୍ଷତା, ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, କ୍ଷେପଣାସ୍ତ୍ର କ୍ଷମତା, ନେଟ୍‌ୱର୍କ ଯୁଦ୍ଧ ବ୍ୟବସ୍ଥା ଓ ସାମଗ୍ରିକ ସାମରିକ ପ୍ରସ୍ତୁତି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

## ନୋଏଡ଼ାରେ ଭୟାବହ ଅଗ୍ନିକାଣ୍ଡ, ୭ମ ମହଲାରେ ବ୍ୟାପିଛି ନିଆଁ

ନୋଏଡ଼ା : ନୋଏଡ଼ା ସେକ୍ଟର ୧୩୭ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ସୋସାଇଟିର ୭ମ ମହଲାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି ।



ଏୟାର କଣ୍ଡିସନରରେ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ଏହି ଘଟଣାରେ କୌଣସି ମୃତାହତ କିମ୍ବା ଆହତ ହୋଇଥିବା ସୂଚନା ମିଳିନାହିଁ । ସୂଚନାନୁଯାୟୀ, ନୋଏଡାର ସେକ୍ଟର ୧୩୭ ସ୍ଥିତ ପାରସ ଟିଆରା ସୋସାଇଟିର ସପ୍ତମ ମହଲାରେ ଏୟାର କଣ୍ଡିସନରରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । କିନ୍ତୁ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚିବା ପୂର୍ବରୁ ସୋସାଇଟିର ରକ୍ଷଣାବେକ୍ଷଣ ଦଳ ଦ୍ୱାରା ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ଏହି ଘଟଣାରେ କୌଣସି ମୃତାହତ କିମ୍ବା ଆହତ ହୋଇନଥିବା ସୂଚନା ଦେଇଛନ୍ତି ଅଧିକାରୀ । ନିଆଁ ଲାଗିବାର କୌଣସି ବିପଦ ନାହିଁ ତାହା ନିଶ୍ଚିତ କରିବାକୁ ଦଳ ଘଟଣାସ୍ଥଳ ଯାଞ୍ଚ କରିବା ସହ ଘଟଣାର କାରଣ ପାଇଁ ତଦନ୍ତ ଆରମ୍ଭ କରିଛି । ଏହାରି ମଧ୍ୟରେ ଏପରି ଘଟଣାର ବିପଦ ହ୍ରାସ କରିବା ପାଇଁ ବୈଦ୍ୟୁତିକ ଉପକରଣଗୁଡ଼ିକର ନିୟମିତ ସର୍ଭିସିଂ, ତାର ଯାଞ୍ଚ ଏବଂ ଓଭରଲୋଡେଡ୍ ସର୍କିଟ୍ ଏଡାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ଜୈସ୍-ଏ-ମହମ୍ମଦର ଆଉ ୫ ସନ୍ଦିଗ୍ଧ ସଦସ୍ୟ ଗିରଫ



ଅହମଦାବାଦ: ଦେଶର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଥିବା ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ (ଜେଇଏମ୍) ସହ ସମ୍ପୃକ୍ତ ଆଉ ୫ ଜଣ ସନ୍ଦିଗ୍ଧଙ୍କୁ ଗୁଜରାଟ ପୁଲିସର ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ଗିରଫ କରିଛି। ଏହି ଗିରଫଦାରି ସହ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି। ପୁଲିସ କହିଛି, ଅଭିଯୁକ୍ତମାନେ ଦେଶର ବିଭିନ୍ନ ସହରରେ ବିସ୍ଫୋରଣ ଘଟାଇବା ପାଇଁ ଷଡ଼ଯନ୍ତ୍ରକରୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବିଲାଲ ଆବିଦ୍ ଶେରା, ମହମ୍ମଦ ଆୟୁବ କାଦିୱାଲ ଓରଫ ମହମ୍ମଦ ଖାଦିୟାସନ, ମହମ୍ମଦ ଶାର୍ଫି ମୁଖୀ ଓରଫ ଶାର୍ଫି ଚାର୍ପି, ମହମ୍ମଦ ହାସନ କରାଡିଆ ଓରଫ ହାସନ ହାଇଦରପୁରୀ ଓ ମହମ୍ମଦ ଆୟୁବ ସୁନାସାରା ଓରଫ ମହମ୍ମଦ ଖାଲି।

ପୁଲିସକହିଛି, ନୂଆକରି ଗିରଫ ହୋଇଥିବା ୫ ଜଣଙ୍କୁ ଗୁଜରାଟ, ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ଚାଲିଥିବା ସମନ୍ୱିତ ଅଭିଯାନରେ ଧରାଯାଇଛି। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ପଚରାଉଚରା କରିବା ପରେ ଏହି ନୂଆ ଗିରଫଦାରି ସମ୍ଭବ ହୋଇଥିବା ପୁଲିସ କହିଛି। ତଦନ୍ତରେ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ସୋସିଆଲ ମିଡିଆ ଓ ସୁରକ୍ଷିତ ଅନ୍‌ଲାଇନ୍ ମାଧ୍ୟମରେ ଜୈସ୍-ଏ-ମହମ୍ମଦର ପାକିସ୍ତାନସ୍ଥିତ ସଂଚାଳକଙ୍କ ସହ ଯୋଗାଯୋଗରେ ଥିଲେ। ସେମାନଙ୍କୁ ବିସ୍ଫୋରକ ପ୍ରସ୍ତୁତି, ଲକ୍ଷ୍ୟସ୍ଥଳ ଚୟନ ଓ ଆକ୍ରମଣ ପ୍ରକ୍ରିୟା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଉଥିଲା। ପୁଲିସ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ଉପକରଣ, ମୋବାଇଲ ଫୋନ୍ ଓ ଡିଜିଟାଲ ପ୍ରମାଣ ଜବତ କରିଛି, ଯାହାର ଯାଞ୍ଚ ଚାଲିଛି।

ପୁଲିସ କହିଛି, ଅଭିଯୁକ୍ତମାନଙ୍କ ଯୋଜନା ଆରମ୍ଭିକ ପର୍ଯ୍ୟାୟରେ ଥିଲା ଏବଂ ସମୟ ଥାଉଥାଉ ଏହାକୁ ପଣ୍ଡ କରାଯାଇଛି। ଏହି ଚକ୍ର ସହ ଆଉ କିଛି ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବାରୁ ତଦନ୍ତକୁ ଆହୁରି ବ୍ୟାପକ କରାଯାଇଛି। ପୁଲିସ କହିଛି, ଜାତୀୟ ସୁରକ୍ଷା ସହ ଜଡ଼ିତ ଏହି ମାମଲାରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର, ଯୋଗାଯୋଗ ବ୍ୟବସ୍ଥା ଓ ସମ୍ଭାବ୍ୟ ନେଟ୍‌ୱର୍କର ମଧ୍ୟ ଖୋଳତାଡ଼ କରାଯାଉଛି। ପୁଲିସ ମତରେ, ଏହି ଅଭିଯାନ ଫଳରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ବିଫଳ ହୋଇଛି।

## ଗ୍ୟାଙ୍ଗଷ୍ଟାର ନୀତିଶ କୌଶଳଙ୍କୁ ଗିରଫ

ନୂଆଦିଲ୍ଲୀ : ଆମେରିକାର ଭାରତୀୟ ଗ୍ୟାଙ୍ଗଷ୍ଟାରଙ୍କ ବିରୋଧରେ ଲଗାତାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ସମୟରେ ଆମେରିକା ଏଜେନ୍ସି ଋଇଓ ଜଗ୍‌ଗୁ ଭଗବାନପୁରିଆର ଗ୍ୟାଙ୍ଗଷ୍ଟାର ନୀତିଶ କୌଶଳ ଭର୍ମଣ୍ଟରୁ ଗିରଫ କରିଛି । କୌଶଳ ଦୁଇ ଦିନ ପୂର୍ବରୁ ନୀତିଶ କୌଶଳଙ୍କୁ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରଖାଯାଇଥିଲା ବୋଲି ଜଣାପଡିଛି । ଏବେ ଆମେରିକୀୟ ତଦନ୍ତକାରୀ ଏଜେନ୍ସି ଋଇଓ ନୀତିଶ କୌଶଳକୁ ଗିରଫ କରିଛି । ନୀତିଶ କୌଶଳଙ୍କ ଗିରଫ ସମ୍ପର୍କରେ ଋଇଓ ସୋସିଆଲ ମିଡିଆରେ ସୂଚନା ଦେଇଛି । ନୀତିଶ ଭାରତୀୟ ବାସିନ୍ଦା । ତାଙ୍କ ବିରୋଧରେ ଆମେରିକାରେ ହତ୍ୟା, ଅପହରଣ, ନିଶାଦ୍ରବ୍ୟ ଚାଲାଣ, ଦାଦାବଟି ଆଦାୟ କରିବା ଭଳି ଅନେକ ଅପରାଧ ରହିଛି ।

# ଫିଫା ବିଶ୍ୱକପ୍ : କାଂସ୍ୟ ପଦକ ଲକ୍ଷ୍ୟରେ ଫ୍ରାନ୍ସ



ମିଆମି, ୧୭।୦୭: ଚଳିତ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପରାଜୟ ବରଣ କରିଥିବା ଫ୍ରାନ୍ସ ଓ ଇଂଲଣ୍ଡ ଶନିବାର ରାତି ୨.୩୦ରେ କାଂସ୍ୟ ପଦକ ବା ତୃତୀୟ ସ୍ଥାନ ପାଇଁ ମିଆମି ଷ୍ଟାଡିୟମ୍‌ରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଡିଡିଅର୍ ଡେସ୍‌ଚାମ୍ପସ୍‌ଙ୍କ ପାଇଁ ଫ୍ରାନ୍ସ ଦାୟିତ୍ୱ ନେବାର ଶେଷ ମ୍ୟାଚ୍ ହେବ। ସେହିଭଳି ଏହି ମ୍ୟାଚ୍ କିଲିଆନ୍ ଏମ୍‌ବାପେ ପାଇଁ କିଛି ବ୍ୟକ୍ତିଗତ ରେକର୍ଡ କରିବାର ସୁଯୋଗ ଆଣିବ। ଲଗାତାର ତୃତୀୟ ବିଶ୍ୱକପ୍ ଫାଇନାଲ୍ ଖେଳିବାକୁ ଆଶା ରଖିଥିବା ଫ୍ରାନ୍ସକୁ ୨-୦ରେ ହରାଇ ସ୍ପେନ୍ ଏଥିରେ ପାଣି ଭରି ଦେଇଥିଲା। ଅନ୍ୟପକ୍ଷରେ ଆରମ୍ଭରୁ ଆଗରେ ରହିଥିବା ଇଂଲଣ୍ଡ ଶେଷ ସମୟରେ ପଛରେ ପଡି ୧-୨ରେ ଆର୍ଜେଣ୍ଟିନାଠୁ ସେମିଫାଇନାଲ୍‌ରେ ହାରି ଫାଇନାଲ୍‌ରୁ ଟ୍ରଫି ଦେଉରୁ ବଞ୍ଚିତ ହୋଇଥିଲା।

ସେମିଫାଇନାଲ୍ ପରାଜୟ ପରେ ୧୪ ବର୍ଷ ଧରି ଫ୍ରାନ୍ସ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିବା ଡେସ୍‌ଚାମ୍ପସ୍ ଇସ୍ତଫା ଦେଇଥିଲେ। ୨୦୧୮ରେ ତାଙ୍କ ପ୍ରଶିକ୍ଷଣରେ ଦଳ ବିଶ୍ୱକପ୍ ଜିତିଥିଲା ବେଳେ ୨୦୨୨ରେ ଉପବିଜେତା ହୋଇଥିଲା। ବିଶ୍ୱକପ୍ ବିଜୟ ସହ ଡେସ୍‌ଚାମ୍ପସ୍ ବିଦାୟ ନେବାକୁ ଆଶା ରଖିଥିଲେ। ହେଲେ ଏହା ହୋଇ ପାରି ନଥିବାରୁ ଫ୍ରାନ୍ସକୁ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ଶକ୍ତି ଭାବେ ପ୍ରତିଷ୍ଠା କରିଥିବା ଡେସ୍‌ଚାମ୍ପସ୍‌ଙ୍କୁ କାଂସ୍ୟ ଜିତି ବିଦାୟ ଦେବାକୁ ଦଳ ଲକ୍ଷ୍ୟ ରଖିଛି। ୪୮ ଦଳୀୟ ଏହି ପ୍ରତିଯୋଗିତାରେ ଚମତ୍କାର ଖେଳି ସେମିଫାଇନାଲ୍‌ରେ ପହଞ୍ଚିଥିବା ଏହି ଦୁଇ ଦଳ ବିଶ୍ୱକପ୍ ଆଶାରେ ରହିଥିଲେ। ହେଲେ ଏହା ହୋଇପାରି ନଥିଲା। ଏବେ କ୍ଲାନ୍ତ ହୋଇ ପଡିଥିବା ଖେଳାଳିଙ୍କ ପାଇଁ ଦକ୍ଷିଣ ଆମେରିକାରେ କାଂସ୍ୟ ଜିତି ଆଶ୍ୱସନା ପାଇବାର ବେଳ ଆସିଛି। ଅନ୍ୟପକ୍ଷରେ ଫ୍ରାନ୍ସର ତାରକା ଷ୍ଟ୍ରାଇକର୍ ଏମ୍‌ବାପେଙ୍କ ପାଇଁ ଏହି ମ୍ୟାଚ୍ ଗୋଲ୍‌ଡେନ୍ ବୁଟ୍ ଜିତିବାର ସୁଯୋଗ ଦେବ। ୨୭ ବର୍ଷୀୟ ଏହି ଫ୍ରାନ୍ସ ଅଧିନାୟକ ଚଳିତ ବିଶ୍ୱକପ୍‌ରେ ୮ ଗୋଲ୍ କରିଥିଲା ବେଳେ ୩ଟି ସହାୟତା କରି ଦେଉରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫାଇନାଲ୍ ଖେଳିବାକୁ ଥିବା ମେସି ୮ ଗୋଲ୍ ସହ ୪ଟିରେ ସହାୟତା କରି ପ୍ରଥମ ସ୍ଥାନରେ ରହିଛନ୍ତି। ଏମ୍‌ବାପେ ମଧ୍ୟ ବିଶ୍ୱକପ୍‌ରେ ୨୦ ଗୋଲ୍ କରି ମେସି (୨୧)ଙ୍କ ପଛକୁ ଦ୍ୱିତୀୟରେ ରହିଛନ୍ତି। ଏବେ ତାଙ୍କୁ ବିଶ୍ୱକପ୍ ସର୍ବାଧିକ ଗୋଲ୍ ରେକର୍ଡ ଲାଗି ଏହି ମ୍ୟାଚ୍ ବି ସୁଯୋଗ ଆଣିବ।

# ଇଂଲଣ୍ଡକୁ ଦ୍ୱିତୀୟ ଦିନିକିଆ ଜିତାଇଲେ ରୁଟ୍

କାର୍ଡିଫ୍, ୧୭।୦୭: ଲଗାତାର ୬ଟି ଦିନିକିଆ ମ୍ୟାଚ୍‌ରେ ଭାରତ ହାତରୁ ପରାଜୟର ସ୍ୱାଦ ଚାଖିବା ପରେ ଶେଷରେ ବିଜୟ ପଥକୁ ଫେରିଛି ଇଂଲଣ୍ଡ। କାର୍ଡିଫ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଷ୍ଟାର୍ ବ୍ୟାଟର ଜୋ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ଇଂଲଣ୍ଡ ଦଳ ଟିମ୍ ଇଣ୍ଡିଆକୁ ୪ ୱିକେଟରେ ପରାସ୍ତ କରିଛି। ଏହି ବିଜୟ ସହ ଇଂଲଣ୍ଡ ଦୀର୍ଘ ୪ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଭାରତ ବିପକ୍ଷରେ ଦିନିକିଆ ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ଏହାପୂର୍ବରୁ ୨୦୨୨ ମସିହାରେ ଇଂଲଣ୍ଡ ଦଳ ଭାରତ ବିପକ୍ଷରେ ଶେଷ ଦିନିକିଆ ଜିତିଥିଲା। ବିଜୟ ସହ ଇଂଲଣ୍ଡ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ବରାବର କରି ପାରିଛି ।

ପିଚ୍‌ର ଗୋଟିଏ ପଟେ କ୍ରମାଗତ ଭାବେ ୱିକେଟ୍ ପଡୁଥିବା ବେଳେ ଅନ୍ୟପଟେ କାନ୍ଥ ଭଳି ଠିଆ ହୋଇ ରହିଥିଲେ ଜୋ ରୁଟ୍। ସେ ଏକାକୀ ଦଳକୁ ଜିତାଇବା ପାଇଁ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ। ରୁଟ୍ ୧୩୩ଟି ବଲ୍‌ର ସାମ୍ନା କରି ୯ଟି ଚୌକା ସହାୟତାରେ ୯୯ ରନର ଏକ ଅପରାଜିତ ଓ ସ୍ମରଣୀୟ ପାରି ଖେଳିଥିଲେ। ମାତ୍ର ୧ ରନ୍ ପାଇଁ ସେ ନିଜର ଶତକ ହାସଲ କରିପାରି ନଥିଲେ ମଧ୍ୟ ଦଳକୁ ଏକ ବଡ଼ ବିଜୟ ଭେଟି ଦେଇଛନ୍ତି। ବିଜୟ ସହ ଇଂଲଣ୍ଡ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ବରାବର କରି ପାରିଛି। ଭାରତ ପକ୍ଷରୁ ମିଳିଥିବା ୨୩୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଇଂଲଣ୍ଡର ଆରମ୍ଭ ଅତି ନୈରାଶ୍ୟଜନକ ରହିଥିଲା। ଦଳୀୟ ଖାତା ଖୋଲିବା ପୂର୍ବରୁ ହିଁ ପ୍ରଥମ ବଲ୍‌ରେ ବେନ୍ ଡକେଟ୍ (୦) ଆଉଟ୍ ହୋଇଥିଲେ। ଏହାପରେ ମାତ୍ର ୮ ରନ ସ୍କୋରରେ ଜାକୋବ ବେଥେଲ (୪) ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଇଂଲଣ୍ଡ ଏକଦା ୧୨୫ ରନ୍‌ରେ ୫ଟି ୱିକେଟ୍ ହରାଇ ସଂକଟରେ ପଡ଼ିଥିଲା। ଏହି ସଙ୍କଟ ସମୟରେ ଜୋ ରୁଟ୍‌ଙ୍କୁ ସାଥ୍ ଦେଇଥିଲେ ୱିଲ୍ ଜ୍ୟାକ୍ସ। ଦୁହେଁ ମିଶି ଷଷ୍ଠ ୱିକେଟ୍ ପାଇଁ ୭୨ ରନର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଗଢ଼ି ଦଳକୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଥିଲେ। ଜ୍ୟାକ୍ସ ୪୪ ବଲ୍‌ରୁ ୩୦ ରନ୍ କରି ଆଉଟ୍ ହେବା ପରେ ଗସ୍ ଆଟକିନସନ ମୈଦାନକୁ ଓହ୍ଲାଇଥିଲେ। ରୁଟ୍ ଏବଂ ଆଟକିନସନ ସପ୍ତମ ୱିକେଟ୍ ପାଇଁ ଅପରାଜିତ ୩୮ ରନ୍ ଯୋଡ଼ି ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୪୪ ଓଭରରେ ମାତ୍ର ୨୩୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତର ଏହି ସାଧାରଣ ସ୍କୋରକୁ ଇଂଲଣ୍ଡ କଠିନ ପରିଶ୍ରମ କରି ହାସଲ କରିବାରେ ସଫଳ ହୋଇଛି।

# ରୋହିତଙ୍କ ଅବସର ଚର୍ଚ୍ଚା

ନୂଆଦିଲ୍ଲୀ, ୧୭।୦୭: ଇଂଲଣ୍ଡ ବିପକ୍ଷରେ ଆସନ୍ତା ୧୯ ତାରିଖରେ ଦିନିକିଆ ସିରିଜର ଅନ୍ତିମ ମ୍ୟାଚ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳିବ ଭାରତ । ତେବେ ଏହି ମ୍ୟାଚ ରୋହିତଙ୍କ କ୍ୟାରିୟରର ଶେଷ ମ୍ୟାଚ ହୋଇପାରେ ବୋଲି ଜତୀୟ ଗଣମାଧ୍ୟମରେ ର ଚର୍ଚ୍ଚା ହେଉଛି । କିନ୍ତୁ ଏ ସଂକ୍ରାନ୍ତରେ ଏ ପର୍ଯ୍ୟନ୍ତ ରୋହିତ କିମ୍ବା ଚୟନକର୍ତ୍ତା, ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ । ଏହାରି ଭିତରେ ରୋହିତଙ୍କ ବାପା ମାଆ ଲର୍ଡ୍ସରେ ପହଞ୍ଚିଛନ୍ତି । ସାଧାରଣତଃ ରୋହିତଙ୍କ ବାପା ମାଆ କୌଣସି ଷ୍ଟାଡିୟମକୁ ମ୍ୟାଚ୍ ଦେଖିବା ପାଇଁ ଯାଉନଥିବା ବେଳେ ଅଚାନକ ଏଭଳି ଲଣ୍ଡନରେ ପହଞ୍ଚିବା ରୋହିତଙ୍କ ଫ୍ୟାନ୍ସଙ୍କ ମଧ୍ୟରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।





ରୋହିତଙ୍କ ସନ୍ନ୍ୟାସ ନେବା ଚର୍ଚ୍ଚା ଭିତରେ ତାଙ୍କ ମାଆ ବାପା ଲଣ୍ଡନରେ ପହଞ୍ଚିଛନ୍ତି। ରୋହିତ ନିଜର ଭବିଷ୍ୟତ ପାଇଁ ଚୟନକର୍ତ୍ତାଙ୍କ ପ୍ଲାନ ବିଷୟରେ ଜାଣିବା ପରେ ନିଜ ବାପା ମାଆଙ୍କ ପାଇଁ ଲର୍ଡ୍ସ ଦିନିକିଆରେ ପହଞ୍ଚିବାକୁ ଯୋଜନା କରିଥିଲେ। ୨୦୨୭ ବିଶ୍ୱକପ୍ ପାଇଁ ଏବେଠାରୁ ଚୟନକର୍ତ୍ତା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଫିଟନେସ ବାଇବା ପରେ ରୋହିତ ଖେଳ ଜାରି ରଖିବାକୁ ଚାହାନ୍ତି। ହେଲେ ଚୟନକର୍ତ୍ତା ଆଗାମୀ ଭବିଷ୍ୟତ ସଂପର୍କରେ ନିଜେ ନିଷ୍ପତ୍ତି ନେବାକୁ ତାଙ୍କୁ ପରାମର୍ଶ ଦେଇଛନ୍ତି । ରୋହିତ ଏମିତି ଅଲଟିମେଟମରେ ଆଦୌ ଖୁସି ନୁହଁନ୍ତି ।

ରୋହିତ ଗତ ଇଂଲଣ୍ଡ ବିପକ୍ଷ ୨ଟି ମ୍ୟାଚରେ ଭଲ ପ୍ରଦର୍ଶନ କରି ପାରି ନାହାନ୍ତି । ପ୍ରଥମ ମ୍ୟାଚରେ ୧୧ ଓ ଦ୍ୱିତୀୟ ମ୍ୟାଚରେ ୨୬ ରନ କରିଥିଲେ । ପୂର୍ବରୁ ରୋହିତ ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ । ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଦଳ ଘୋଷଣା ହେବା ପୂର୍ବରୁ ସେମାନେ ଆଗ ପଛ ହୋଇ ସନ୍ନ୍ୟାସ ନେଇଥିଲେ । ତେବେ ଦୁହେଁ ଦିନିକିଆ ବିଶ୍ୱକପରେ ଚୟନ ହେବେ କି ନାହିଁ ତାକୁ ହିଁ ଅପେକ୍ଷା।

ଉଲ୍ଲେଖଯୋଗ୍ୟ ଯେ, ରୋହିତ ଶର୍ମା ଗତ ୮ଟି ଦିନିକିଆରେ ୩୩ ପ୍ରତିଶତରେ ୨୪୧ ରନ୍ କରିଛନ୍ତି । ତାଙ୍କ ଷ୍ଟ୍ରାଇକ୍ ରେଟକୁ ନେଇ ମଧ୍ୟ ଚିନ୍ତାରେ ରହିଛନ୍ତି ଚୟନକର୍ତ୍ତା। ତେବେ ଭାରତ ଦିନିକିଆ ବିଶ୍ୱକପ ୨୦୨୭ ପୂର୍ବରୁ ଆହୁରି ୨୦ଟି ମ୍ୟାଚ ଖେଳିବ । ତେଣୁ ଚୟନକର୍ତ୍ତା ଏବଂ ଟିମ୍ ମ୍ୟାନେଜମେଣ୍ଟ ଚାହୁଁଛି କି, ବଡ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନୂଆ ଖେଳାଳିଙ୍କୁ ଅଧିକ ସୁଯୋଗ ମିଳୁ । ଯଶସ୍ୱୀ ଜୟସୱାଲ ରୋହିତ ଶର୍ମାଙ୍କ ରିପ୍ଲେସମେଣ୍ଟର ପ୍ରବଳ ଦାବିଦାର ରହିଛନ୍ତି । ସେ ଗତ ୩ଟି ଦିନିକିଆ ଇନିଂସରେ ଦୁଇଟି ଶତକ ମାରିଛନ୍ତି । ଭାରତ ଆଗାମୀ ଦିନିକିଆ ସିରିଜ ସେପ୍‌ଟେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ । ଜୟସୱାଲ ଏହି ସିରିଜରେ ଦିନିକିଆ ପାଇଁ ଖେଳିପାରନ୍ତି ।

ଫଟୋଟି ବହୁଳ ମାତ୍ରାରେ ଭାଇରାଲ ହେଉଥିବାବେଳେ କୁହାଯାଉଛି ରୋହିତଙ୍କୁ ଆଉ ଦଳରେ ସୁଯୋଗ ମିଳିନପାରେ । ଆଉ କେହି କେହି ତାଙ୍କ ଅବସର କଥା ମଧ୍ୟ କହୁଛନ୍ତି । ଏହି ଫଟୋ ସହ ଅଶ୍ୱିନୀଙ୍କ ଅବସର ସମୟକୁ ଯୋଡ଼ାଯାଉଛି । ଯେତେବେଳେ ଗାବାରେ ଅଶ୍ୱିନୀ ନିଜର ଅନ୍ତିମ ମ୍ୟାଚ ଖେଳିଥିଲେ ବିରାଟ ସେହି ସମୟରେ ଡ୍ରେସିଂରୁମରେ ତାଙ୍କ ସହ ସେଭଳି ଗମ୍ଭୀର ଭାବେ ନଜର ଆସିଥିଲେ । ଏଣୁ କୁହାଯାଉଛି କି, ରୋହିତ ମଧ୍ୟ ସେଭଳି କିଛି ସଙ୍କେତ ଦେଇଛନ୍ତି ବୋଧେ ।ଅନ୍ୟ ଏକ ରିପୋର୍ଟରେ ଦାବି କରାଯାଇଛି କି, ୨୦୨୭ ବିଶ୍ୱକପ ପାଇଁ ଭାରତ ପ୍ରସ୍ତୁତି ଆରମ୍ଭ କରିଛି । ତେବେ ଦଳରେ ରୋହିତଙ୍କୁ ସୁଯୋଗ ଦିଆନଯାଇପାରେ । ଚୟନ କମିଟିର ବରିଷ୍ଠ ସଦସ୍ୟମାନେ ରୋହିତଙ୍କ ଉପରେ ଅଧିକ ବିଚାର ବିମର୍ଶ କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି । ଏହାସହ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ତାଙ୍କୁ ଆଉ ଦଳରେ ସୁଯୋଗ ମିଳିନପାରେ । କେବଳ ଦିନିକିଆରେ ଖେଳ ଜାରି ରଖିଥିବା ରୋହିତଙ୍କ କ୍ୟାରିୟର ଶେଷ ହେବ ବୋଲି ଚର୍ଚ୍ଚା ହେଉଛି ।

## ପଦ ଛାଡିଲେ ଫ୍ରାନ୍ସ ପ୍ରଶିକ୍ଷକ ଡେସ୍‌ଚାମ୍ପସ୍

# ଜିଡାନେ ନେବେ ଦାୟିତ୍ୱ

ଡାଲାସ, ୧୭।୦୭: ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲ୍‌ରେ ସ୍ପେନ୍‌ଠୁ ହାରି ଫ୍ରାନ୍ସ ବିଦାୟ ନେବା ପରେ ଏହାର ପ୍ରଶିକ୍ଷକ ଡିଡିଅର୍ ଡେସ୍‌ଚାମ୍ପସ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୫୭ ବର୍ଷୀୟ ଡେସ୍‌ଚାମ୍ପସ୍ ଖେଳାଳି ଭାବେ ୧୯୯୮ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ଲଗାତାର ୨୦୧୮ ଓ ୨୦୨୨ରେ ଫାଇନାଲ୍‌ରେ ପହଞ୍ଚିଥିଲା। ୨୦୧୮ରେ ବି ଦଳ ବିଜେତା ହୋଇଥିଲା। ତାଙ୍କ ପ୍ରଶିକ୍ଷଣ ଦଳ ୧୮୪ ମ୍ୟାଚ୍ ଖେଳି ୧୨୦ଟିରେ ବିଜୟୀ ହୋଇଥିଲା ବେଳେ ୩୫ଟି ଡ୍ର ରଖିଥିଲା। କେବଳ ୨୯ଟିରେ ପରାଜୟର ସାମ୍ନା କରିଥିଲା। ଫଳରେ ବିଜୟ ପ୍ରତିଶତ ୬୫.୨ ରହିଥିଲା। ତାଙ୍କର ବିଦାୟ ପରେ ୧୯୯୮ ବିଶ୍ୱକପ୍ ବିଜେତା ଓ ୨୦୦୬ ଉପବିଜେତା ଫ୍ରାନ୍ସ ଦଳର ପ୍ରମୁଖ ଖେଳାଳି ଜିନାଡିନ୍ ଜିଡାନ ଏହି ଦାୟିତ୍ୱ ସମ୍ଭାଳିବାର ସମ୍ଭାବନା ରହିଛି।

୨୦୦୬ରେ ଅବସର ନେବାର ୪ ବର୍ଷ ପରେ ପ୍ରଶିକ୍ଷକ ଦାୟିତ୍ୱକୁ ଆସିଥିଲେ। ଏହାର ୬ ବର୍ଷ ପରେ ଜିଡାନ ୨୦୧୬ରେ ରିଅଲ୍ ମାଡ୍ରିଦ୍‌ର ପ୍ରଶିକ୍ଷକ ହୋଇଥିଲେ। ନିଜର ପ୍ରଥମ ୩ ବର୍ଷର କାର୍ଯ୍ୟକାଳ ଭିତରେ ରିଅଲ୍ ମାଡ୍ରିଦ୍ ହ୍ୟାଟ୍ରିକ୍ ୟୁଫା ଚାମ୍ପିଅନ୍‌ସିପ୍ ବିଜେତା ହେବା ସହ ୫ ୟୁରୋପୀୟ ଟ୍ରଫି ଜିତିଥିଲା। ଏହାପରେ ସେ ମାଡ୍ରିଦ୍ ଛାଡିଥିଲେ। ପୁଣି ଥରେ ୨୦୧୮ରେ ଏହି ଦଳର ଦାୟିତ୍ୱ ନେଲେ। ୨୦୨୧ ମେ’ ୨୭ରେ ସେ ରିଅଲ୍ ମାଡ୍ରିଦ୍ ଛାଡିବା ପୂର୍ବରୁ ଏହି ଦଳ ୧୧ଟି ବରିଷ୍ଠ ବର୍ଗ ଟ୍ରଫି ଜିତିଥିଲା। ୨୦୨୨ ବିଶ୍ୱକପ୍ ପରେ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ କରିବାକୁ ଆମେରିକା ପ୍ରସ୍ତାବ ଦେଇଥିଲା। ହେଲେ ସେ ଏହାକୁ ଗ୍ରହଣ କରି ନଥିଲେ।

# ୧୭ ବର୍ଷରୁ କମ୍ ଏସିଆ କପ୍ କ୍ୱାଲିଫାୟର୍ସ




କୁଆଲାଲୁମ୍ପୁର, ୧୭।୦୭: ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ତା’ର ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଇରାକ ବିପକ୍ଷରୁ ଆରମ୍ଭ କରିବ। ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ କୁଆଲାଲୁମ୍ପୁରଠାରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତା ଲାଗି ଗୁରୁବାର ଏସୀୟ ଫୁଟ୍‌ବଲ୍ ମହାସଂଘ (ଏଏଫ୍‌ସି) ସୂଚୀ ଘୋଷଣା କରିଛି। ଭାରତ ଗ୍ରୁପ୍-ଇ’ରେ ଇରାକ, ମାଲେସିଆଓ ସିରିୟା ସହ ରହିଛି। ଇରାକ ବିପକ୍ଷ ମ୍ୟାଚ୍ ପରେ ସିରିୟା ଓ ମାଲେସିଆ ବିପକ୍ଷରେ ଖେଳିବ ଭାରତ। ଏହି ଗ୍ରୁପ୍ ବିଜେତା ଦଳ ଆସନ୍ତା ବର୍ଷ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ସୁଝେରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଗତ ସଂସ୍କରଣ ଏସୀୟ କପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଥିଲା।

ପୁଣି ଥରେ ଏସୀୟ କପ୍‌କୁ ଯୋଗ୍ୟତା ଅର୍ଜନ କରିବାର ଲକ୍ଷ୍ୟ ରଖିଛି ଭାରତ। କ୍ୱାଲିଫାୟର୍ସରେ ୮ ଗ୍ରୁପ୍‌ର ଶୀର୍ଷ ଦଳ ୧୧ତମ ଏସୀୟ କପ୍‌ରେ ଗତ ସଂସ୍କରଣ ୪ ଦଳ ସହ ଯୋଗଦେବେ। ଏସୀୟ କପ୍‌ର ୪ ସେମିଫାଇନାଲିଷ୍ଟ ଆସନ୍ତା ବର୍ଷ ମରକ୍କୋରେ ହେବାକୁ ଥିବା ଫିଫଶ ୧୭ ବର୍ଷରୁ କମ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ।

## ବିଶ୍ୱକପ୍ ଜିତାଇଥିବା କ୍ରିକେଟର ଏବେ ଜେଲ୍‌ରେ !

କଲମ୍ବୋ, ୧୭।୭: ଭାରତୀୟ କ୍ରିକେଟ ଜଗତରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୨୦୧୮ ଅଣ୍ଡର-୧୯ ବିଶ୍ୱକପ ବିଜେତା ଦଳର ହିରୋ ତଥା ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ମନଜୋତ କାଲରାଙ୍କୁ ଶ୍ରୀଲଙ୍କାରେ ଗିରଫ କରାଯାଇଛି। ଲଙ୍କା ପ୍ରିମିୟର ଲିଗ ଆରମ୍ଭ ହେବା ପୂର୍ବରୁ ଜଣେ କ୍ରିକେଟରଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ଶ୍ରୀଲଙ୍କା ପୋଲିସର ସ୍ପୋର୍ଟସ ଇନଭେଷ୍ଟିଗେସନ ୟୁନିଟ ତାଙ୍କୁ କଲମ୍ବୋର ଏକ ହୋଟେଲରୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ, ମନଜୋତ କାଲରା ଲଙ୍କା ପ୍ରିମିୟର ଲିଗ୍ର ଫ୍ରାଞ୍ଚାଇଜ 'ଜାଫନା କିଙ୍ଗସ'ର ସହ-ମାଲିକ ଅଟନ୍ତି। ଶ୍ରୀଲଙ୍କା ପୋଲିସ ଇନ୍ସପେକ୍ଟର ସୁଫୁନ ବିଦାନଗେ ଜଣାଇଛନ୍ତି ଯେ, କାଲରା ଜଣେ ଖେଳାଳିଙ୍କୁ ପ୍ରାୟ ୯୫ ଲକ୍ଷ ଶ୍ରୀଲଙ୍କା ଟଙ୍କା (ପ୍ରାୟ ୨୭.୭ ଲକ୍ଷ ଭାରତୀୟ ଟଙ୍କା) ଲାଞ୍ଚ ଦେବାକୁ ଚେଷ୍ଟା କରୁଥିବା ବେଳେ ଶୁକ୍ରବାର (୧୭ ଜୁଲାଇ) ତାଙ୍କୁ ଧରାଯାଇଛି।

# ମହିଳା ହକି ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୧୭।୦୭ : ଆଗାମୀ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ଲାଗି ଶୁକ୍ରବାର ହକି ଇଣ୍ଡିଆ ୨୦ ଜଣିଆ ଦଳ ଘୋଷଣା କରିଛି। ଏହି ଦଳର ନେତୃତ୍ୱ ଭାର ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ମିଳିଛି। ଦଳରେ ଏକ ମାତ୍ର ଓଡିଆ ଖେଳାଳି ଭାବେ ସୁନେଲିତା ଟୋପ୍ପୋ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ଶିବିରରୁ ଏହି ଚୂଡ଼ାନ୍ତ ଦଳ ବଛାଯାଇଛି। ଗତମାସରେ ନ୍ୟୁଜିଲାଣ୍ଡରେ ଆୟୋଜିତ ନେସନ୍ସ କପ୍‌ରେ ଭାରତ ଅପରାଜେୟ ରହି ଟ୍ରଫି ଜିତିଥିଲା। ଏହି ଧାରା ବିଶ୍ୱକପ୍‌ରେ ରଖିବା ଲାଗି ମୁଖ୍ୟପ୍ରଶିକ୍ଷକ ଜୋଏର୍ଡ ମାରିନ୍ ଆଶା ରଖିଛନ୍ତି। ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶ୍ୱକପ୍‌କୁ



ନେଦରଲାଣ୍ଡସ୍‌ଓ ବେଲ୍‌ଜିୟମ୍ ମିଳିତ ଭାବେ ଆୟୋଜନ କରୁଛନ୍ତି। ଏଥିରେ ଭାରତ ପୁଲ୍-ଡି’ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ରହିଛି। ଭାରତ ତା’ର ସମସ୍ତ ପୁଲ୍ ମ୍ୟାଚ୍ ନେଦରଲାଣ୍ଡସର ଆମ୍‌ଷ୍ଟଲଭିନସ୍ଥିତ ୱାଗେନର ହକି ଷ୍ଟାଡିୟମ୍‌ରେ ଖେଳିବ। ଅଗଷ୍ଟ ୧୬ରେ ଚୀନ୍ ବିପକ୍ଷରେ ଅଭିଯାନ ଆରମ୍ଭ କରିବା ପରେ ଭାରତ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ବିପକ୍ଷରେ ଖେଳି ପୁଲ୍ ପର୍ଯ୍ୟାୟ ଶେଷ କରିବ। ଭାରତୀୟ ମହିଳା ହକି ଦଳ: ଗୋଲି-ସବିତା, ବିଚୁ ଦେବୀ ଖାରିବାମ୍, ଡିଫେଣ୍ଡର-ଇଶିକା ଚୌଧୁରୀ, ସୁଶିଳା ଚାନୁ ପୁଖ୍ରାମ୍ବାମ୍, ଲାଲଥାନ୍ତଲୁଆଙ୍ଗୀ, ଜ୍ୟୋତି, ଶିଳ୍ପୀ ଦାବାସ, ମିଡ୍‌ଫିଲ୍‌ଡର-ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟୋପ୍ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ-ଲାଲରେମସିଆମି, ଋତୁଜା ଦାଦାସାଓ ପିସାଲ, ନବନୀତ କୋର, ଇଶିକା, ବଲଜିତ କୋର, ବିଉଟି ଡୁଙ୍ଗ୍‌ଡୁଙ୍ଗ୍।

# ସିଏସ୍‌କେରେ ଧୋନିଙ୍କୁ ଦାୟିତ୍ୱ

ଚେନ୍ନାଇ, ୧୭।୦୭: ଆଇପିଏଲ ୨୦୨୬ରେ ମହେନ୍ଦ୍ର ସିଂହ ଧୋନି ନିଜ ଟିମ ଚେନ୍ନାଇ ସୁପର କିଙ୍ଗସ ପାଇଁ ଗୋଟିଏ ବି ମ୍ୟାଚ୍ ଖେଳି ନଥିଲେ। କିନ୍ତୁ ୨୦୨୭ ଆଇପିଏଲରେ ଧୋନିଙ୍କୁ ଚେନ୍ନାଇରେ ମିଳିପାରେ ଗୁରୁ ଦାୟିତ୍ୱ। ୧୮ ବର୍ଷ ଧରି ଦଳର ମୁଖ୍ୟ କୋଚ ଭାବେ ଷ୍ଟେଫେନ ଫ୍ଲେମିଂ ବିଦାୟ ନେଇଥିବାରୁ ଧୋନିଙ୍କୁ ଟିମରେ ଅଧିକ ଦାୟିତ୍ୱ ଦିଆଯିବ ବୋଲି ଜଣାପଡିଛି।



ସୂତ୍ର ଅନୁସାରେ, ୨୦୨୭ ଆଇପିଏଲରେ ଧୋନିଙ୍କୁ ଫ୍ରାଞ୍ଚାଇଜ ପକ୍ଷରୁ ଟିମର ମେଣ୍ଟୋର ବା ମାର୍ଗଦର୍ଶକ କରାଯାଇପାରେ। ସେହିପରି ସେ ଫ୍ଲେମିଂଙ୍କ ଉତ୍ତରାଧିକାରୀ ଚୟନରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିବେ।

ଆଇପିଏଲ ଟ୍ରଫି ୫ଥର ଜିତିଥିବା ଚେନ୍ନାଇ ୨୦୨୩ ପରଠାରୁ ପ୍ଲେ ଅଫକୁ ଯାଇ ପାରିନି। ୨୦୨୩ରେ ଦଳ ଶେଷ ଥର ଚାମ୍ପିୟନ ହୋଇଥିଲା। ୨୦୨୬ରେ ଧୋନି ଆହତ କାରଣରୁ ଗୋଟିଏ ହେଲେ ମ୍ୟାଚ୍ ଖେଳି ପାରି ନଥିଲେ। କିନ୍ତୁ ସେ ନେତୃତ୍ୱ ମଣ୍ଡଳୀରେ ରହିଥିଲେ। ଏବେ ତାଙ୍କୁ ଚେନ୍ନାଇ ମେଣ୍ଟୋର ଭାବେ ନିଯୁକ୍ତ କରିବାକୁ ବିଚାର କରୁଛି। ଯଦି ବି ସେ ମେଣ୍ଟୋର ନ ହୁଅନ୍ତି, ତଥାପି ଦଳର କ୍ରିକେଟ ବ୍ୟାପର ତାଙ୍କ ନିୟନ୍ତ୍ରଣରେ ରହିବ ବୋଲି ରିପୋର୍ଟରେ କୁହାଯାଇଛି।

ଧୋନି ଏବେ ଇଂଲଣ୍ଡରେ ପରିବାର ସହ ରହିଛନ୍ତି। ମଙ୍ଗଳବାର ଭାରତ-ଇଂଲଣ୍ଡ ପ୍ରଥମ ଦିନିକିଆ ସମୟରେ ତାଙ୍କୁ ଏଜବାଷ୍ଟନ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା। ୪୫ ବର୍ଷୀୟ ଧୋନି ସେଠାରେ ନିଜର ପରିବାର ସହ ମ୍ୟାଚ୍‌କୁ ଉପଭୋଗ କରିଥିଲେ। କ୍ୟାମେରା ଧୋନିଙ୍କ ଉପରେ ପଡିବା ମାତ୍ରେ ଦର୍ଶକମାନେ ବେଶ ଉତ୍ସାହିତ ହୋଇ ଉଠିଥିଲେ।

ଏହାପୂର୍ବରୁ ଜୁଲାଇ ୭ରେ ଧୋନି ନିଜର ୪୫ତମ ଜନ୍ମ ଦିନ ଟ୍ରେଣ୍ଟ ବ୍ରିଜରେ ପାଳନ କରିଥିଲେ। ସେଠାରେ ସେ ଭାରତ-ଇଂଲଣ୍ଡ ଟି-୨୦ ମ୍ୟାଚ୍‌କୁ ଷ୍ଟାଡିୟମରୁ ଦେଖିଥିଲେ। ଏବେ ସେ ଦିନିକିଆ ମ୍ୟାଚ୍‌କୁ ମଧ୍ୟ ଦେଖୁଛନ୍ତି। ଏହି ସମୟରେ ସେ ପୂର୍ବତନ ୱିକେଟ କିପର ଦୀନେଶ କାର୍ତ୍ତିକଙ୍କ ସହ ମଧ୍ୟ ବେଶ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

# ଇଂଲଣ୍ଡ ବିପକ୍ଷରେ ବିଜୟ ପରେ ଖୁସିରେ ମେସି

ନୂଆଦିଲ୍ଲୀ, ୧୭।୦୭ : ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଫିଫା ବିଶ୍ୱକପ୍ ୨୦୨୬ର ଫାଇନାଲରେ ସ୍ଥାନ ପକ୍କା କରିଛି। ବୁଧବାର ବିଳମ୍ବିତ ରାତିରେ ଆଟଲାଣ୍ଟା ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଅଧିନାୟକ ଲିଓନେଲ୍ ମେସିଙ୍କ ଯାଦୁ କାମ କରିଥିଲା। କାରଣ ଆର୍ଜେଣ୍ଟିନା ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଥିଲା। ଏହା ୧୯୬୬ ପରେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପହଞ୍ଚିବା ପାଇଁ ଇଂଲଣ୍ଡର ଆଶାକୁ ଶେଷ କରିଦେଇଥିଲା। ଆର୍ଜେଣ୍ଟିନା ବର୍ତ୍ତମାନ ଫାଇନାଲରେ ସ୍ପେନ୍ ସହିତ ମୁକାବିଲା କରିବେ। ସେମିଫାଇନାଲ ବିଜୟ ପରେ ମେସି ଇଂଲଣ୍ଡକୁ ପ୍ରଶଂସା କରିଛନ୍ତି।



ଆର୍ଜେଣ୍ଟିନା ନ୍ୟୁଜ୍ ବ୍ୟୁରୋ ଲା ନାସିଓନ୍ ଅନୁଯାୟୀ, ବିଜୟ ପରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ୍ ମେସି ଇଂଲଣ୍ଡକୁ ଏକ ‘ଚମତ୍କାର ଦଳ’ ବୋଲି କହିଛନ୍ତି। ବିଜୟ ପରେ, ମେସି କହିଛନ୍ତି ଯେ ସେମିଫାଇନାଲରେ ଇଂଲଣ୍ଡର ମୁକାବିଲା ଏକ ବିଶେଷ ଚ୍ୟାଲେଞ୍ଜ ଥିଲା। ସେ କହିଛନ୍ତି ଯେ କଷ୍ଟକର ମ୍ୟାଚ୍ ସତ୍ତ୍ୱେ, ଆର୍ଜେଣ୍ଟିନା ଜିତିବା, ଏହାର ପ୍ରଶଂସକମାନଙ୍କୁ ଆନନ୍ଦ ଦେବା ଏବଂ ଫାଇନାଲରେ ପହଞ୍ଚିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା।

ମେସି କହିଛନ୍ତି, ଇଂଲଣ୍ଡ ବିପକ୍ଷରେ ଖେଳିବା ସର୍ବଦା ସ୍ୱତନ୍ତ୍ର କାରଣ ସେମିଫାଇନାଲର ଅର୍ଥ ଅନ୍ୟ କିଛି। ଆମେ ଏହା ଜାଣିଥିଲୁ, ଏବଂ ଆମେ ଏହି ମ୍ୟାଚ୍ ଜିତିବାକୁ, ପ୍ରଶଂସକମାନଙ୍କୁ ଖୁସି କରିବାକୁ ଏବଂ ଫାଇନାଲରେ ପହଞ୍ଚିବାକୁ ଚାହୁଁଥିଲୁ। ଆମେ ଉତ୍କୃଷ୍ଟ ଖେଳାଳିମାନଙ୍କ ସହିତ ଏକ ମହାନ ଦଳ ବିପକ୍ଷରେ ଥିଲୁ। ମୁଁ ଏହି ଦଳକୁ ବହୁତ ଭଲ ଭାବରେ ଜାଣେ। ସେମାନଙ୍କର ଫୁଟବଲ୍ ଦର୍ଶନ ଏପରି ଏକ ଯାହା ସେମାନେ ବହୁ ବର୍ଷ ଧରି ବିକଶିତ କରିଆସୁଛନ୍ତି। ମୁଁ ସେମାନଙ୍କର ଅନେକ ଖେଳାଳିଙ୍କ ବିରୁଦ୍ଧରେ ଖେଳିଛି, ମୁଁ ସେମାନଙ୍କୁ ଅନୁସରଣ କରେ, ଏବଂ ସେମାନଙ୍କ ମଧ୍ୟରୁ କିଛି ବାର୍ସିଲୋନାରେ ମଧ୍ୟ ଅଛନ୍ତି। ଆମେ ଜାଣିଥିଲୁ ଯେ ଏହି ମ୍ୟାଚ୍ କଠିନ ହେବ।

ସେ ଆହୁରି ମଧ୍ୟ କହିଛନ୍ତି, ଆମମାନଙ୍କ ମଧ୍ୟରୁ କେହି ହାରିବାକୁ ଚାହୁଁ ନଥିଲେ। ଆର୍ଜେଣ୍ଟିନାର ଲୋକମାନଙ୍କୁ ଏହି ଆନନ୍ଦର ଆବଶ୍ୟକତା ଥିଲା। ଆର୍ଜେଣ୍ଟିନାର ଲୋକମାନେ ଇଂଲଣ୍ଡ ଠାରୁ ହାରିବାକୁ ଚାହୁଁ ନଥିଲେ। ଆମେ ତାହା କରିପାରିଲୁ। ଆମେ ସେମାନଙ୍କୁ ପରାସ୍ତ କରିଥିଲୁ, ଏବଂ ଏବେ ଆମେ ଆଉ ଏକ ବିଶ୍ୱକପ୍ ଫାଇନାଲ ଖେଳିବାକୁ ଯାଉଛୁ।

ଆମେ ଯାହା ଅନୁଭବ କରୁଛୁ ଏବଂ କିପରି ଚାଲିଛି ତାହା ଅବିଶ୍ୱସନୀୟ, ବୋଲି ମେସି କହିଛନ୍ତି। ସତ କହିବାକୁ ଗଲେ, ବିଶ୍ୱକପ୍ ଆରମ୍ଭ ହେବା ପରଠାରୁ, ମୁଁ ଏହି ଗୋଷ୍ଠୀରେ ବିଶ୍ୱାସ କରିଥିଲି ଏବଂ ଜାଣିଥିଲି ଯେ ଆମେ ଚାରି ଫାଇନାଲିଷ୍ଟଙ୍କ ମଧ୍ୟରୁ ଜଣେ ହେବୁ। ଆମେ ଆଉ ଏକ ଫାଇନାଲରେ ପହଞ୍ଚିଛୁ। ଏହା ଆଶ୍ଚର୍ଯ୍ୟଜନକ। ଏହି ଗୋଷ୍ଠୀ ମୋତେ ଆଶ୍ଚର୍ଯ୍ୟ କରେ ନାହିଁ; ମୁଁ ସେମାନଙ୍କୁ ଜାଣେ।

# ଲୁଇସ୍ ଭୁଇତନ୍ ଦ୍ୱାରା ନିର୍ମିତ ଟ୍ରଙ୍କ୍‌ରେ ଯିବ ବିଶ୍ୱକପ୍

ନ୍ୟୁୟର୍କ, ୧୭।୦୭ :ଫିଫା ବିଶ୍ୱକପ୍ ଟ୍ରଫି ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମ୍‌କୁ ଲୁଇସ ଭୁଇତନ୍ ଦ୍ୱାରା ନିର୍ମିତ ଟ୍ରଙ୍କ୍‌ରେ ନିଆଯିବ। ଫୁଟ୍‌ବଲ୍‌ର ସବୁଠୁ ଲୋଭନୀୟ ଏହି ପୁରସ୍କାର ନେବା ପାଇଁ ଟ୍ରଙ୍କ ନିର୍ମାଣ ପାଇଁ ପୁଣି ଥରେ ଫ୍ରାନ୍ସର ଏହି ଲକ୍‌ଜରି ଫେସନ୍ ହାଉସ୍‌କୁ ଦାୟିତ୍ୱ ଦିଆଯାଇଛି। ଟ୍ରଙ୍କ୍‌ର ସମ୍ନାରେ ଭିକ୍ଟୋରି (ଜିତ୍) ଓ ଭୁଇତନ ପାଇଁ ସୁନାର ‘ଇଂଲିସ ଅକ୍ଷର ‘ଭି’ ଲେଖାଯାଇଛି। ଏହା ସହ ବ୍ରାଣ୍ଡର ଚିହ୍ନ ପାଇଁ ମୋନୋଗ୍ରାମ ପାର୍ଟନ୍ ଏବଂ କୋଣରେ ସୁନା ପ୍ଲେଟେଡ୍ ପିତଳ ଲଗାଯାଇଛି। ଭିତର ଭାଗରେ ବେଜ୍ ଚମଡା ଲଗାଯାଇଛି। ଏଥିରେ ଲୁଇସ ଭୁଇତନ ଓ ଫିଫାର ସହଭାଗିତାର ଏକ ପ୍ୟାଚ୍ ରହିଛି। ଲଗାତାର ପଞ୍ଚମ ଥର ଲାଗି ଫ୍ରେଞ୍ଚ କମ୍ପାନି ଲୁଇସ ଭୁଇତନ ଟ୍ରଫି ପାଇଁ ଟ୍ରଙ୍କ୍ ଡିଜାଇନ୍ କରିଛନ୍ତି। ୨୦୦୪, ୧୦୧୦, ୨୦୧୮ ଓ ୨୦୨୨ ପ୍ରତିଯୋଗିତା ଲାଗି ଏହି କମ୍ପାନି ଟ୍ରଙ୍କ୍ ଡିଜାଇନ୍ କରିଥିଲା। ୧୯୬୭ରେ ଭିନ୍‌ସ ଲୋମ୍ବାର୍ଡି ଟ୍ରଫିର ପ୍ରଥମ ସଂସ୍କରଣ ପରଠୁ ଲୁଇସ୍ ଭୁଇତିନ୍ ବିଶ୍ୱର ବଡ ବଡ କ୍ରୀଡା ଇଭେଣ୍ଟ୍ ଲାଗି ଟ୍ରଫି ଓ ଟ୍ରଙ୍କ୍ ପ୍ରସ୍ତୁତ କରୁଛି। ଟ୍ରଫି ଟ୍ରଙ୍କ୍ ଯୋଗାଇବା ଲାଗି ଫର୍ମୁଲା ୱାନ୍‌ର ବଡ ଗ୍ରାଁ ପ୍ରି ସର୍କଟ୍ ସହ ୧୦ ବର୍ଷ ଲାଗି ଚୁକ୍ତି ମଧ୍ୟ ଏହି କମ୍ପାନି କରିଛି। ହେଲେ ୪ ବର୍ଷରେ ଥରେ ହେଉଥିବା ଫିଫା ବିଶ୍ୱକପ୍ ଲାଗି ଗୋଟିଏ ଟ୍ରଫି ରହିଛି। ଯାହା ଜୁରିକ୍ ସ୍ଥିତ ଫିଫା ସଂଗ୍ରହାଳୟରେ ରହିଥାଏ। ତେଣୁ ପ୍ରତି ବିଶ୍ୱକପ୍ ବେଳେ ଏହାର କେବଳ ବେସ୍ପାକ୍ ଲଗେଜ୍ ଡିଜାଇନ୍ କରାଯାଇଥାଏ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ